## ଆଜି କ'ଣ କେଉଁଠି

ଭଦ୍ରକ

- ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ବଜ୍ରପାତରେ ଜଣେ ମୃତ

**ଆରଡ଼ି, ୧୮।୮(ଡି.ଏନ.ଏ.):** ଭଦ୍ରକ ଜିଲା ଧୃଷୁରୀ ଥାନା ଅଧୀନ ଗଡଗଡି ଗ୍ରାମର ସୁରେନ୍ଦ୍ର ସ୍ୱାଇଁ (୫୬)ଙ୍କର ବଜ୍ରପାତରେ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ତାଙ୍କ ଘର ବାଡ଼ିକୁ ଯାଉଥିବା ବେଳେ ବଜ୍ରପାତ ଘଟିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଙ୍ଗୀତ ମହାବିଦ୍ୟାଳୟ ଉଦ୍‌ଘାଟିତ

**ଚାନ୍ଦବାଲି,୧୮।୮(ଡି.ଏନ.ଏ.):** ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ବାଲିଗାଁରେ ମୀରାମ୍ବିକା ସଙ୍ଗୀତ ମହାବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକ ମନ୍ମଥ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡ. କେଶବ ଚନ୍ଦ୍ର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ରଜ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଚାନ୍ଦବାଲି କଲେଜ ଅଧକ୍ଷ ନିମାଇଁ ପଟ୍ଟନାୟକ, ମୀରାମ୍ବିକା ସଙ୍ଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ସରୋଜ ମଲ୍ଲିକ ଓ ବନମାଳୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷା ସାଗରିକା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃତ୍ତି ପରୀକ୍ଷା ଦେଲେ ୨୨୯ ଛାତ୍ରୀଛାତ୍ର

**ଭଣ୍ଡାରିପୋଖରୀ,୧୮।୮(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା-୨୦୧୯ ଭଣ୍ଡାରିପୋଖରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୁଳମଣି ପତି, ପୁରୁଷୋତ୍ତମ ଧଳ, ପ୍ରଧାନଶିକ୍ଷକ ରମାକାନ୍ତ ଲେଙ୍କାଙ୍କ ତତ୍ତ୍ୱାବଧାନରେ ୨୨୯ ପରୀକ୍ଷାର୍ଥୀ ବୃତ୍ତି ପରୀକ୍ଷା ଦେଇଥିଲେ। ଚନ୍ଦ୍ରଶେଖର ପାତ୍ର, ମାନସ ସାହୁ, ସ୍ମିତା ଚନ୍ଦ, ତପଜା ସାହୁ, ବିଷ୍ଣୁପ୍ରିୟା ଜେନା, ମନ୍ଦୋଦରୀ ସାହୁ, ମହାମାୟା ମହାପାତ୍ର ଓ ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହାୟତା କରିଥିଲେ।

## ମୋବାଇଲ ଟାୱାରରୁ ଖସିପଡ଼ି କର୍ମଚାରୀ ଗୁରୁତର

**ଧାମନଗର, ୧୮।୮ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଜାହାଙ୍ଗିର ରାଉତସାହି ନିକଟରେ ଥିବା ଏକ ମୋବାଇଲ ଟାୱାରରେ ଚଢ଼ି କାମ କରୁଥିବା ବେଳେ ଜଣେ କର୍ମଚାରୀ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। କର୍ମଚାରୀ ଜଣଙ୍କ ହେଲେ ଜାହାଙ୍ଗିର ରାଉତସାହିର ରମାକାନ୍ତ ରାଉତ। ଅପରାହ୍ନରେ ସେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାଯାଇଛି।

## ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ

**ଧାମନଗର, ୧୮।୮(ଡି.ଏନ.ଏ.):** ଧାମନଗର ବ୍ଲକ ଧୃଷୁରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଛାତ୍ରୀମାନେ ଛାତ୍ରମାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ଭୂୟାଁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧୃଷୁରୀର ପୂର୍ବତନ ସରପଞ୍ଚ ରୁକ୍ମିଣୀ ଗୁପ୍ତା ଯୋଗଦେଇ ରକ୍ଷାବନ୍ଧନ ଭଉଣୀ ଭାଇ ସମ୍ପର୍କକୁ ନିବିଡ଼ କରେ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ପାଦକ ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରମାପଦ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଦୋବଲ କାଳୀବଜାର ସରସ୍ୱତୀ ଶିଶୁମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ଓ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅନୁଶିକ୍ଷାଧିକାରୀ ଘନଶ୍ୟାମ ଥାଟୋଇ ଯୋଗ ଦେଇଥିଲେ। ଅସୁରାଳି, ଧାମନଗର ଓ ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା।

# ୨୦ ବର୍ଷ ଧରି ଗୋଦାମରେ ତାଲା

- ଅସୁରକ୍ଷିତ ଭଡ଼ା ଘରେ ରହୁଛି ସାମଗ୍ରୀ
- ଅବହେଳା ନେଇ ଆନ୍ଦୋଳନ ଚେତାବନୀ

**ଧାମନଗର, ୧୮।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ମୁସ୍ତାଫାପୁର ପଞ୍ଚାୟତ ଗୋଦାମରେ ଦୀର୍ଘ ୨୦ବର୍ଷ ଧରି ତାଲା ପଡ଼ିଛି। ଫଳରେ ଏହା କାମରେ ଆସୁନି। ପଞ୍ଚାୟତ ପାଇଁ ଆସୁଥିବା ସାମଗ୍ରୀକୁ ଭଡ଼ାଘରେ ଅସୁରକ୍ଷିତ ଭାବେ ରଖାଯାଉଛି। ପ୍ରଶାସନର ଏଭଳି ଅବହେଳା ନେଇ ଉକ୍ତ ପଞ୍ଚାୟତବାସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ଦୋବଲ ପଞ୍ଚାୟତ ଅଧୀନରେ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଗୋଦାମ ତିଆରି ହୋଇ ବ୍ୟବହାର ହୋଇଆସୁଥିଲା। ସେତେବେଳେ ଇନ୍ଦିରା ଆବାସ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ଆବଶ୍ୟକ ସିମେଣ୍ଟ ଯୋଗାଇ ଦିଆଯାଉଥିଲା। ୧୯୯୯ ମହାବାତ୍ୟା ପରେ ୨୦୦୦ ମସିହାରେ ଇନ୍ଦିରା ଆବାସ ଯୋଜନାରେ ସିମେଣ୍ଟ ଆସି ଏହି ଗୋଦାମରେ ଗଚ୍ଛିତ ରହିଥିଲା। ସେତେବେଳେ ଗଚ୍ଛିତ ସିମେଣ୍ଟ ହିତାଧିକାରୀଙ୍କୁ ଦିଆ ନ ଯାଇ ଗୋଦାମରେ ପଡ଼ି ରହିଥିଲା। ସେବେଠାରୁ ଏହି ଗୃହ ଖୋଲାଯାଉ ନାହିଁ। ପରବର୍ତ୍ତୀ ସମୟରେ ନିର୍ବାଚିତ ସରପଞ୍ଚ ମଧ୍ୟ ଏହାକୁ ଗୁରୁତ୍ୱ ଦେଲେ ନାହିଁ। ଗଚ୍ଛିତ ସିମେଣ୍ଟର ହିସାବ ନ ଥିବା ଓ ଏଥିରେ କିଛି ଘୋଟାଲା ବାହାରିବା ଆଶଙ୍କାରେ କୌଣସି ସରପଞ୍ଚ ଗୋଦାମକୁ ସଫା କରି ନ ଥିବା କୁହାଯାଇଛି। ଫଳରେ ଗୋଦାମ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ବେଳେ ଗଚ୍ଛିତ ସିମେଣ୍ଟ ମୁଣ୍ଡା ହୋଇ ଭିତରେ ବିଷାକ୍ତ ସାପ ମଧ୍ୟ ଦେଖିବାକୁ ମିଳୁଛି। ୨୦୧୭ରେ ଦୋବଲ ପଞ୍ଚାୟତକୁ ଭାଗ କରିଦିଆଯାଇ ଏଠାରେ ନୂତନ ମୁସ୍ତାଫାପୁର ପଞ୍ଚାୟତ କାର୍ଯ୍ୟାଳୟ କରାଯାଇଛି। କାର୍ଯ୍ୟରେ ଯୋଗଦେବା ପରେ ଗୋଦାମ ଗୃହର ଆବଶ୍ୟକତା ଦୃଷ୍ଟିରୁ ଏ ସମ୍ପର୍କରେ ସେ ଜିପିଓ ଏବଂ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ନିର୍ବାଚିତ ସରପଞ୍ଚ ବିଷ୍ଣୁଚରଣ ଦାସ କହିଛନ୍ତି। ଉକ୍ତ ଗୋଦାମ ଉପଜିଲାପାଳଙ୍କ ଉପସ୍ଥିତିରେ ସଫା କରାଯିବାର ନିୟମ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ପରେ ସେ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଦୁଇବର୍ଷ ଧରି ପଞ୍ଚାୟତକୁ ଆସୁଥିବା ସାମଗ୍ରୀକୁ ସ୍ଥାନୀୟ ବଜାରରେ ଭଡ଼ାଘର ନେଇ ରଖିବାକୁ ବାଧ ହେଉଥିବା ସରପଞ୍ଚ ଦାସ କହିଛନ୍ତି। ତୁରନ୍ତ ଉକ୍ତ ଗୋଦାମକୁ ସଫା କରାଯାଇ ବ୍ୟବହାର ଉପଯୋଗୀ କରା ନ ଗଲେ ସ୍ଥାନୀୟ ଲୋକଙ୍କ ସହିତ ସରପଞ୍ଚ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦୁର୍ଗାଚରଣ ମୁର୍ମୁଙ୍କୁ ପଚାରିବାରୁ କହିଛନ୍ତି, ଉକ୍ତ ଗୃହ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲାଯିବାର ନିୟମ ରହିଛି। ତେବେ ଏ ସମ୍ପର୍କରେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ମୁସ୍ତାଫାପୁର ପଞ୍ଚାୟତ ଗୋଦାମ।


କାର୍ଯ୍ୟକ୍ରମରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

## ସଙ୍କୁଳସ୍ତରୀୟ ସାମାଜିକ ବିଜ୍ଞାନ ପ୍ରଦର୍ଶନୀ

**ଭଦ୍ରକ ଅଫିସ, ୧୮।୮**

ଭଦ୍ରକ କେନ୍ଦ୍ରୀୟ ବିଦ୍ୟାଳୟରେ ବାଲେଶ୍ୱର ସଙ୍କୁଳସ୍ତରୀୟ ସାମାଜିକ ବିଜ୍ଞାନ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ତଥା ଜିଲାପାଳ ଜ୍ଞାନରଞ୍ଜନ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟନୀ ଦିବସରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରାଚାର୍ଯ୍ୟ ସୁଜାତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଜିଲାପାଳ ଦାସ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କର ସାଧାରଣ ପାଠ ସହିତ ବିଜ୍ଞାନ, ଆଧାତ୍ମିକ ଜ୍ଞାନର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଭଦ୍ରକ ବ୍ୟତୀତ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାର ୯ଟି ବିଦ୍ୟାଳୟରୁ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏକକ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଦ୍ୱିତୀୟ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପ୍ରାଚାର୍ଯ୍ୟ ମିଶ୍ର ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟାପକ କିଶୋର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଜଣେ ଛାତ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।

## ଆନ୍ତଃବ୍ଲକ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା

**ଚାନ୍ଦବାଲି, ୧୮।୮ (ଡି.ଏନ.ଏ.)**

ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲ ପରିସରରେ ଆନ୍ତଃବ୍ଲକ ହାଇସ୍କୁଲସ୍ତରୀୟ ସଙ୍ଗୀତ ଓ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କିଶୋର ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୧୨ଟି ସ୍କୁଲର ମୋଟ୍ ୬୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଣ୍ଠଶିଳ୍ପୀ ଜଗମୋହନ ସାହୁ, ବାଦ୍ୟକାର ସୁରେନ୍ଦ୍ର ମହାନ୍ତି, ଅଧ୍ୟାପକ କୃଷ୍ଣଚନ୍ଦ୍ର ପଲାଇ, ଗୌରହରି ପଣ୍ଡା ଓ ତୁଷାର ରଞ୍ଜନ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ଏକକ ନୃତ୍ୟ ପ୍ରତିଯୋଗିତାରେ ଶିବଦୁର୍ଗା ହାଇସ୍କୁଲର ସୁପ୍ରଭା ରାଉତ, ଶୁଭସ୍ମିତା ସାମଲ ଓ ବାଳିକା ଉଚ୍ଚ ବିଦ୍ୟାଳୟର ସୁହାନା ପରବିନ୍ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ଡିସି ହାଇସ୍କୁଲ ଓରାସାହିର ସ୍ମୃତିରେଖା ଭଳ, ଶିବଦୁର୍ଗା ହାଇସ୍କୁଲର ବିନାୟକ ସାମଲ ଓ ମତୋ ହାଇସ୍କୁଲର ଲକ୍ଷ୍ମୀପ୍ରିୟା ହୋତାଙ୍କୁ ପ୍ରମାଣପତ୍ର, ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର ସଙ୍ଗଠନର ସାଧାରଣ ସମ୍ପାଦକ ସୁଧୀର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଚାନ୍ଦବାଲି ବଣିକ ସଂଘର ସମ୍ପାଦକ ରଘୁନାଥ ସାହୁ, ଶାରଳା ହାଇସ୍କୁଲର ପ୍ରଧାନଶିକ୍ଷକ ଅନିଲ ମିଶ୍ର ଓ ଶୁଭେନ୍ଦ୍ର ସାମଲ ଯୋଗ ଦେଇଥିଲେ। ଭେଙ୍କଟେଶ୍ୱର ସ୍କୁଲର ଶିକ୍ଷକ ଅୟସକାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ସେକ୍ କାଦିର ଧନ୍ୟବାଦ ଅର୍ପଣ କରିଥିଲେ। ଭେଙ୍କଟେଶ୍ୱର ସ୍କୁଲର ନିର୍ଦ୍ଦେଶକ ଲଳିତ ମହାନ୍ତି, ସହାୟକ ମିଲନ ମହାନ୍ତି, ସେକ୍ ଜୁନେଦ୍, ଧୀରେନ୍ଦ୍ର ଦାସ, ମାମା ସାହୁ, କବିତା ଦାସ ଓ ଅମରେନ୍ଦ୍ର ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଭଦ୍ରକ ଅଫିସ, ୧୮।୮:** ଭଦ୍ରକର ଚୁନଟୀସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ପ୍ରଧାନଶିକ୍ଷକ ପ୍ରଭାକର ଖଟୁଆ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ୍ ଅର୍ଜୁନ ଚରଣ ସେନାପତି ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ, ଶିକ୍ଷାବିତ୍ ଶଶଧର ମହନ୍ତି ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ଶୈଳେନ୍ଦ୍ର ଦାସ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଶ୍ୱମ୍ଭର ପାତ୍ର, ଶରତ ଚନ୍ଦ୍ର ମହାନ୍ତି ଓ ରାଜକିଶୋର ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଉତ୍ସର୍ଗୀକୃତ ମନୋଭାବ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାତା ରତ୍ନାକର ସାମଲ ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପ୍ରତିଷ୍ଠାତା ସାମଲ ଶିକ୍ଷାବିତ୍ ମହନ୍ତି, ଦାସ ଓ ସେନାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ରମାକାନ୍ତ କର ଧନ୍ୟବାଦ ଦେଇଥିଲେ।

## ଯୋଗ ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ

**ବନ୍ତ, ୧୮।୮ (ଡି.ଏନ.ଏ.)**

ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ପାରାବନ୍ଧଠାରେ ୫ ଦିନିଆ ଯୋଗ ପ୍ରାଣାୟମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଯୋଗ ଦେଇଥିଲେ। ପତଞ୍ଜଳି ଯୋଗ ପ୍ରଚାରକ ପ୍ରକଳ୍ପ ଆନୁକୂଲ୍ୟରେ ଶିକ୍ଷାବିତ୍ ଶ୍ରୀଧର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ଯୋଗାସନ ପ୍ରାଣାୟମ ଏବଂ ଆରୋଗ୍ୟ ସଭା ମାଧ୍ୟମରେ ବିଭିନ୍ନ ଜଡ଼ିବୁଟି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବାଳକ ସଂସ୍କାର ଶିବିର, ବୃକ୍ଷରୋପଣ ଓ ନିଶା ନିବାରଣ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲା ଯୋଗ ପ୍ରଚାରକ ଧରଣୀଧର କର ଓ ବନ୍ତ ଯୋଗ ବିସ୍ତାରକ କାଳନ୍ଦୀ ଚରଣ ପାତ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ନାରୀନେତ୍ରୀ ଜ୍ୟୋତିର୍ମୟୀ ପଣ୍ଡା, ସୁକାନ୍ତିଲତା ପଣ୍ଡା, କାଜଲରାଣୀ ପଣ୍ଡା, କମଳା ପଣ୍ଡା, ନୀଳିମା ତ୍ରିପାଠୀ, ପଙ୍କଜ ମଲ୍ଲିକ, ସାବିତ୍ରୀ ତ୍ରିପାଠୀ, ନୀଳମଣି ମଲ୍ଲିକ, ରାଜକିଶୋର ପଣ୍ଡାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ୨୦ରୁ ନିୟମିତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ

**ବନ୍ତ, ୧୮।୮(ଡି.ଏନ.ଏ.)**

ଆସନ୍ତା ୨୦ ତାରିଖରୁ ଭଦ୍ରକ ଜିଲା ବନ୍ତ ବ୍ଲକର ୧୮ଟି ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମଧ୍ୟଇଂରାଜୀ, ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଓ ନିୟମିତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଗଣଶିକ୍ଷା ବିଭାଗ ଚିଠି ସଂଖ୍ୟା ୧୩୨୧୬/ତା୨୭।୬।୧୯ ଏବଂ ଚିଠି ସଂଖ୍ୟା ୧୬୭୦୪/ତା ୭।୮।୧୯ ରିଖ ଅନୁଯାୟୀ ୨୦୧୧ ଜାନୁୟାରୀ ୧ ଠାରୁ କାର୍ଯ୍ୟରତ ଓ ନିୟମିତ ହୋଇଥିବା ସମସ୍ତ ଜେଟିସି(ଏସ୍‌ଏସ୍), ଗଣଶିକ୍ଷକ, କନିଷ୍ଠ ଶିକ୍ଷକ, ୫ମ ସ୍ତର ସହକାରୀ ଶିକ୍ଷକ, ୫ମ ସ୍ତର ପୂର୍ବ କ୍ୟାଡର ସହକାରୀ ଶିକ୍ଷକଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଯାଞ୍ଚ କରାଯିବ। ୨୦ ତାରିଖରେ ଆଡିଆ ନୋଡାଲ, ଅଣିଜୋ ପ୍ରାଥମିକ, ୨୧ରେ ବାଲୁଙ୍କେଶ୍ୱର ନୋଡାଲ, ଚାଇଁପୁର ପ୍ରାଥମିକ ବିଦ୍ୟାଳୟ, ୨୨ରେ ଏରେଣ୍ଡେଇ ଜୁନିୟର ବେସିକ୍ ସ୍କୁଲ, ଗଣିଜାଙ୍ଗ ନୋଡାଲ, ୨୬ରେ ଗୋପୀନାଥଜୀଉ ନୋଡାଲ, ହରିହର ନୋଡାଲ, ୨୭ରେ ଜେ.କେ.ନୋଡାଲ, ଓଡଙ୍ଗ, ଖଗେଶ୍ୱର ୟୁପି(ଏମ୍‌ଇ), ୨୮ରେ କାଦବରାଙ୍ଗ ନୋଡାଲ, କେନ୍ଦୁଆପଦା ୟୁପି(ଏମ୍‌ଇ), ୨୯ରେ ନରାଜପୁର ପ୍ରାଥମିକ, ରାମଚନ୍ଦ୍ର ନୋଡାଲ, ୩୦ରେ କ୍ଷେଣ୍ଡତୀରା ନୋଡାଲ, ତରାପୁର ଉର୍ଦ୍ଧ୍ୱ ପ୍ରାଥମିକ ଏବଂ ୩୧ ତାରିଖରେ ଟିଲୋ ପ୍ରାଥମିକ, ତୋଫାବିବି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ପ୍ରମାଣପତ୍ର ଯାଞ୍ଚ ହେବ ବୋଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

## ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସା ଆରମ୍ଭ

**ଭଦ୍ରକ ଅଫିସ, ୧୮।୮**

ଭଦ୍ରକ ଜିଲା ଚାନ୍ଦବାଲି ଓ ତିହିଡ଼ି ବ୍ଲକର ଅନେକ ଗ୍ରାମର ଅଧିକାଂଶ ଲୋକଙ୍କର ଜୀବନ ଜୀବିକାର ମୂଳ ଉତ୍ସ ହେଉଛି ମତ୍ସ୍ୟ ଚାଷ, କୃଷି, ଦୁଗ୍ଧ ଏବଂ ଦୁଗ୍ଧ ଉତ୍ପାଦନ ବ୍ୟବସାୟ। ଏହାକୁ ଦୃଷ୍ଟିରେ ରଖି ଆଦାନୀ ଫାଉଣ୍ଡେଶନ ଓ ଜିଲା ପ୍ରାଣୀଧନ ଚିକିତ୍ସାକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଭ୍ରାମ୍ୟମାଣ ଚିକିତ୍ସା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଥମ କରି ଏହି କାର୍ଯ୍ୟକ୍ରମ ଜାମୁଯୋଡ଼ି ଏବଂ ରାଜନଗର ପଞ୍ଚାୟତରେ ଆରମ୍ଭ ହୋଇଛି। ଜାମୁଯୋଡ଼ି ସରପଞ୍ଚ ଝରଣା ବିଶ୍ୱାଳ, ରାଜନଗର ସରପଞ୍ଚ ସନାତନ ବାରିକ, ଜିଲା ପ୍ରାଣୀ ଚିକିତ୍ସାଳୟର ଡା. ରାଜେଶ କୁମାର କୁଅଁର ଓ ପଞ୍ଚାୟତର ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଏକ ଭ୍ରାମ୍ୟମାଣ ଭ୍ୟାନ ଉଦ୍‌ଘାଟିତ ହୋଇଥିଲା। ଔଷଧ ଦିଆଯିବା ସହ ପ୍ରତିଷେଧକ ଟିକାକରଣ କରାଯାଇଥିଲା। ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସା ଯାନରେ ଜଣେ ପ୍ରାଣୀଧନ ଚିକିତ୍ସାଧିକାରୀ ଏବଂ ଜଣେ ସହକାରୀଙ୍କ ସହଯୋଗରେ ୩ ମାସିଆ ପାଇଲଟ ପ୍ରୋଜେକ୍ଟ ଏହି ଦୁଇ ପଞ୍ଚାୟତର ୧୬ଟି ଗ୍ରାମରେ କାର୍ଯ୍ୟକାରୀ କରାଯିବ। ଏହା ୨୪ ଘଣ୍ଟିଆ କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି। ଯୋଜନାର ସଫଳ ରୂପାୟନ ପରେ ଆଗାମୀ ଦିନରେ ପାର୍ଶ୍ୱବର୍ତ୍ତୀ ୧୪ ପଞ୍ଚାୟତକୁ ଏହି ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

## ଆଗରପଡ଼ାରେ ନୂଆ ଥାନାଧିକାରୀ

**ବନ୍ତ,୧୮।୮(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡ଼ା ଥାନାଧିକାରୀ ରମେଶ ସିଂଙ୍କ ବଦଳି ପରେ ନୂଆ ଥାନାଧିକାରୀ ଯୋଗ ଦେଇଛନ୍ତି। ବନ୍ତ ଥାନାଧିକାରୀ ଗଣେଶ୍ୱର ପ୍ରଧାନ ଶନିବାର ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆଗରପଡ଼ା ଥାନାର ନୂତନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବନ୍ତ ଥାନାରେ ନୂତନ ଅଧିକାରୀ ଯୋଗ ନ ଦେବା ପର୍ଯ୍ୟନ୍ତ ସେ ଉଭୟ ବନ୍ତ ଓ ଆଗରପଡା ଥାନାର ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି।

## ୭୫ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଭଣ୍ଡାରିପୋଖରୀ, ୧୮।୮(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବାରିକପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିତ୍ୟାନନ୍ଦ ଦାସ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ବିକ୍ରମ କେଶରୀ ମହାପାତ୍ର ଯୋଗ ଦେଇଥିଲେ। ମୋଟ ୭୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରାମକୃଷ୍ଣ ରାଉତ ଓ ପ୍ରଶାନ୍ତ ଜେନା ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ତ୍ରିଲୋଚନ କୁଣ୍ଡୁ ଧନ୍ୟବାଦ ଦେଇଥିଲେ। ପ୍ରଧାନଆଚାର୍ଯ୍ୟା ମମତା ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବିଜ୍ଞାନମେଳାକୁ ସୁମତୀଲତା ସାହୁ, ସୁଜାତା ଜେନା, ଲକ୍ଷ୍ମୀପ୍ରିୟା ମାଟିଆ, ରେଣୁକା କୁଣ୍ଡୁ, ସୀତାଞ୍ଜଳି ଦାସ, ସୌଦାମିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

**ଭଦ୍ରକ ଅଫିସ, ୧୮।୮:** ଆମ ମାତୃଭାଷା ପରିଷଦ ପକ୍ଷରୁ ସଂକ୍ରାନ୍ତି ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ମିଳନୀର ସଭାପତି ଅଜୟ ନାୟକ ମୁଖ୍ୟଅତିଥି, ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା, ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ ଓ ଅଧ୍ୟାପକ ନୀହାର ରଞ୍ଜନ କର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଅଟଳ ବିହାରୀ ନାୟକ, ଶାନ୍ତନୁ ରାଉତ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅର୍ଜୁନ ଚରଣ ବାରିକ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ପରେ କବୟିତ୍ରୀ ମନୋରମା ରାୟଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡା. ଅନୀଲ ଦାଶ, ଡ. ଅବନୀ ପ୍ରଧାନ, ହରମୋହନ କୁଅଁର, ବିଜୟ ବହଳୀ, କାଳନ୍ଦୀ ମଲ୍ଲିକ ପ୍ରମୁଖ କବିତା ପାଠ କରିଥିଲେ। କବିତାଗୁଡ଼ିକୁ ସମୀକ୍ଷା କରିଥିଲେ ପ୍ରାଧ୍ୟାପିକା ଭାନୁମତୀ ମାଟିଆ। ସମ୍ପାଦକ ଡା. ଅନୀଲ କୁମାର ଦାଶ ସମ୍ପାଦକୀୟ ବକ୍ତବ୍ୟ, ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ରତ୍ନଭଣ୍ଡାର ତାଲା ଭାଙ୍ଗିବା ଦାବିରେ ଧାରଣା

**ଭଦ୍ରକ ଅଫିସ, ୧୮।୮**

ରତ୍ନଭଣ୍ଡାର ସୁରକ୍ଷା ସମିତି ପକ୍ଷରୁ ରବିବାର ଭଦ୍ରକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ରତ୍ନଭଣ୍ଡାର ତାଲା ଭାଙ୍ଗିବା ଦାବିରେ ପ୍ରତୀକ ଧାରଣା ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ସମିତି ପକ୍ଷରୁ ଆୟୋଜିତ ସମାବେଶ ପୂର୍ବାହ୍ନ ୧୦ରୁ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ପୁରୀ ବଡ଼ଦେଉଳର ରତ୍ନଭଣ୍ଡାର ଚାବି ହଜିଗଲା। ଚାବି ଖୋଜିବାକୁ ତଦନ୍ତ କମିଶନ ଗଠନ କରାଗଲା। ୨୨ ଲକ୍ଷରୁ ଅଧିକ ଅର୍ଥ ଅପଚୟ କରାଯିବା ପରେ ମଧ୍ୟ ଚାବି ମିଳିଲାନି। ତଦନ୍ତ ରିପୋର୍ଟ ବି ସାର୍ବଜନୀନ କରାଗଲା ନାହିଁ। ତଦନ୍ତ ରିପୋର୍ଟ ରଖାଯାଇଥିବା ଆଲମିରାର ଚାବି ମଧ୍ୟ ହଜିଯାଇଛି ବୋଲି ଶୁଣିବାକୁ ମିଳୁଛି। ଭବିଷ୍ୟତରେ ସରକାର ଚାବି ଖୋଜିବାକୁ ପୁଣି ଥରେ ଆଉ ଗୋଟେ ତଦନ୍ତ କମିଶନ ବସାଇ ଲକ୍ଷାଧିକ ଟଙ୍କା ରାଜସ୍ୱ ଖର୍ଚ୍ଚ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସମିତିର ଆବାହକ ଆଇନଜୀବୀ ଶିବାଶିଷ ମହାପାତ୍ର ସମାବେଶରେ ପ୍ରକାଶ କରିଥିଲେ।

ଉଲ୍ଲେଖନୀୟ ଯେ, ଏହି ମର୍ମରେ ସମସ୍ତଙ୍କୁ ଏକାଠି କରି ଗତ ଜୁଲାଇ ୨୯ରେ କଟକ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପରେ ଗତ ୪ ତାରିଖରେ ପୁରୀ ଶ୍ରୀମନ୍ଦିର ସମ୍ମୁଖ ଅରୁଣ ସ୍ତମ୍ଭ ନିକଟରେ ଶତାଧିକ ଜଗନ୍ନାଥପ୍ରେମୀ ପ୍ରଦୀପ ପ୍ରଜ୍ୱଳନ କରି ଏକ ଗଣ ନୀରବ ପ୍ରାର୍ଥନା ସଭା କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଗଣପ୍ରାର୍ଥନା କରି ଭୁବନେଶ୍ୱରରେ ଏକ ବଡ଼ଧରଣର ଗଣପ୍ରାର୍ଥନା ସଭା କରାଯିବ ବୋଲି କୁହାଯାଇଛି। ଆବଶ୍ୟକ ହେଲେ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହେବେ ବୋଲି ଆବାହକ ମହାପାତ୍ର କହିଛନ୍ତି। ଆଗାମୀ ଦିନରେ ଏହି ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ମତପ୍ରକାଶ ପାଇଥିଲା। ସମିତିର ସଭାପତି ବୃନ୍ଦାବନ ଦାସ ଆଜାଦ, ଆଇନଜୀବୀ ରାଧାରାଣୀ ମହାପାତ୍ର, ପ୍ରଫେସର ଅଟଳ ବିହାରୀ ନାୟକ, ନୀହାର ରଞ୍ଜନ ମିଶ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, କୁସୁମ ମଞ୍ଜରୀ ଦାସ, ବିଜୟିନୀ ପଣ୍ଡା, ଶ୍ରଦ୍ଧା ମହାପାତ୍ର, ନିବେଦିତା ମହାନ୍ତି, ରୋଜାଲିନ ରାଉତ, ଦେବଶ୍ରୀ ମିଶ୍ର, ତପସ୍ୱିନୀ ବିନ୍ଧାଣୀ, ସତ୍ୟପ୍ରିୟ କୁଅଁର, ରତିକାନ୍ତ ନାୟକ, ପ୍ରଦୀପ ଦାସ, ବିଶ୍ୱଶ୍ରୀ ବିଶ୍ୱାଳ, ପ୍ରଶାନ୍ତ ସାହୁ, ବିକାଶ ପ୍ରଧାନ, ଦୁଷ୍ମନ୍ତ ବାରିକ ପ୍ରମୁଖ ଧାରଣାରେ ସାମିଲ ଥିଲେ।


ସୁରକ୍ଷା ସମିତି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଛି।

## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଟାଙ୍ଗୀ(କଟକ),୧୮।୮(ଡି.ଏନ.ଏ.)- ୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅନ୍ତର୍ଗତ ସର୍ଦ୍ଦଳା ଛକ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ରବିବାର ଅପରାହ୍ନରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲେଶ୍ୱର ଅଞ୍ଚଳର ଗୋଲକ ଓଝା(୪୫)। ମିଳିଥିବା ସୂଚନା ଅନୁଯାୟୀ, ଗୋଲକ ଏକ ବାଇକ୍(ନଂ.ଓଆର୨୨ଇ-୮୩୦୮)ରେ କୌଣସି କାମରେ ଚୌଦ୍ୱାର ଆସୁଥିଲେ । ବାଇକ୍ ପଛରେ ହେଲ୍‌ମେଟ ବନ୍ଧା ହୋଇଥିବାବେଳେ ସେ ମୋବାଇଲ ଫୋନ୍‌ରେ ଗପି ବାଇକ୍ ଚଳାଉଥିଲେ। ସର୍ଦ୍ଦଳା ଛକ ନିକଟରେ ଅନ୍ୟମନସ୍କ ଯୋଗୁ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଟାଙ୍ଗୀ ପୋଲିସ ସୂତ୍ରରୁ ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

### 'ଆମ ପରିବାର ଓ ଆମ ପଞ୍ଚାୟତ' ଲୋକାର୍ପିତ

ରୁପ୍‌ସା,୧୮।୮(ଡ଼ି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କଷିପଦା ପଞ୍ଚାୟତ ହାଇସ୍କୁଲରେ ଗୁରୁବାର 'ଆମ ପରିବାର ଓ ଆମ ପଞ୍ଚାୟତ' ପତ୍ରିକାର ୨୦୧୯ ସ୍ୱାଧୀନତା ଦିବସ ସଂଖ୍ୟା ଲୋକାର୍ପିତ ହୋଇଛି । ଏହି ଉତ୍ସବରେ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଭଗବାନ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ କବି କାଳିପଦ ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ସୃଷ୍ଟିଧର ପରିଡା ଓ ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ପ୍ରମୁଖ ବାସ୍ତବଧର୍ମୀ ଲେଖା ସର୍ବଦା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ପତ୍ରିକାର ସମ୍ପାଦକ ଶିକ୍ଷକ ଗୌରହରି ପ୍ରହରାଜ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟତମ ସମ୍ପାଦକ ଜଗଦୀଶ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବୃକ୍ଷବନ୍ଧୁ ରବୀନ୍ଦ୍ର ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ଶିକ୍ଷକ ଅମୂଲ୍ୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଲୋକାର୍ପଣ ଉତ୍ସବରେ ଆମ ପରିବାର ଓ ବିକାଶ ପରିଷଦର କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

### ବାଇକ୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

କପ୍ତିପଦା,୧୮।୮(ଡି.ଏନ.ଏ)- କପ୍ତିପଦା ଥାନା ଅନ୍ତର୍ଗତ ମହୁଲପଙ୍ଗା ଗ୍ରାମ ଛକଠାରେ ରବିବାର ରାତି ୮ଟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସେହି ଗ୍ରାମର ମୁର୍ଗି ହେମ୍ବ୍ରମ(୫୫)। ସେ ଶାଳଚୁଆ ହାଟସାରି ଫେରୁଥିବା ବେଳେ ଜଣେ ବାଇକ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ବାଇକ ଆରୋହୀ ମଧ ଗୁରୁତର ଆହତ ହୋଇଛନ୍ତି।

■ ଅସରାଏ ବର୍ଷାରେ ବିଏସଏନଏଲ ସେବା ବ୍ୟାହତ

# ୬ଦିନ ପରେ ବି ଅବସ୍ଥା ସୁଧୁରୁନି

ଖଇରା, ୧୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରାଠାରେ ଥିବା ବିଏସଏନଏଲ କାର୍ଯ୍ୟାଳୟ ପାଣି ଭିତରେ ବୁଡି ରହୁଥିବା ଯୋଗୁ ଟେଲିଫୋନ ଏବଂ ମୋବାଇଲ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ୬ଦିନ ତଳେ ଲଗାଣ ବର୍ଷାରେ ଖରାପ ହୋଇ ରହିଥିବା ଟେଲିଫୋନ ଏକ୍ସଚେଞ୍ଜକୁ ଏ ପର୍ଯ୍ୟନ୍ତ ମରାମତି କରାଯାଉ ନ ଥିବାରୁ ଖଇରା ତଥା ଏହା ଆଖପାଖ ଅଞ୍ଚଳରେ ରହୁଥିବା ହଜାର ହଜାର ବିଏସଏନଏଲ ଉପଭୋକ୍ତା ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେପଟେ ୧୯୯୯ ମସିହାରୁ ବିଏସଏନଏଲର ନିଜସ୍ୱ କାର୍ଯ୍ୟାଳୟ ପାଇଁ ୫୦ଡିସିମିଲ ଜାଗା ଅବ୍ୟବହୃତ ହୋଇରହୁଛି । ଗୋଟିଏ ପଟେ ଭଡା ଘରେ ଚାଲୁଥିବା ଏହି ବିଏସଏନଏଲ କାର୍ଯ୍ୟାଳୟ ବା ଟେଲିଫୋନ ଏକ୍ସଚେଞ୍ଜ ଭଡା ବାବଦକୁ


ଲଘୁଚାପ ବର୍ଷାରେ ବୁଡିରହିଥିବା ଖଇରା ଟେଲିଫୋନ ଏକ୍ସଚେଞ୍ଜ।

କେନ୍ଦ୍ରସରକାରଙ୍କ ରାଜକୋଷରୁ ଲକ୍ଷାଧିକ ଟଙ୍କା ପୈଠ ହୋଇ ସାରିଥିବା ବେଳେ ସେପଟେ ଖାତା ନମ୍ବର ୧୨୧ ଏବଂ ପ୍ଲଟ ନମ୍ବର ୪୫୨/୫୬୮ରେ ବିଏସଏନଏଲ ନାମରେ କିଣା ଯାଇଥିବା ଜମି ପଡିରହିଛି । ତୁରନ୍ତ ଏକ୍ସଚେଞ୍ଜ ମରାମିତି କରାଯିବା ସହ ନୂତନ ଜମିକୁ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ନ ହେଲେ ଖଇରାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଧାରଣାରେ ବସିବେ ବୋଲି ଚନ୍ଦ୍ରକାନ୍ତ ବେହେରା, ସୁକାନ୍ତି ପଣ୍ଡା, ହିମାଂଶୁ ପାଇକରାୟ ପ୍ରମୁଖ ଚେତାବନୀ ଦେଇଛନ୍ତି ।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ଲଘୁଚାପ ବର୍ଷା ପରେ ନୟନଯୋରୀ କଡରେ ଥିବା ଏହି କାର୍ଯ୍ୟାଳୟରେ ପାଣି ପଶିବା ସହ ଅଚଳ ହୋଇ ପଡିଥିଲା । ସୋର ଡିଭିଜନରେ ସହକାରୀଯନ୍ତ୍ରୀ ପଦବୀ ଖାଲି ପଡିବା ଏବଂ ବର୍ତ୍ତମାନର ନିଯୁକ୍ତ କନିଷ୍ଠଯନ୍ତ୍ରୀ ଛୁଟିରେ ରହିଥିବାରୁ ଏ ପର୍ଯ୍ୟନ୍ତ ଏକ୍ସଚେଞ୍ଜ ପୂର୍ବଭଳି ଅଚଳ ହୋଇରହିଛି । ଫଳରେ ବ୍ରଡବ୍ୟାଣ୍ଡ ସେବା, ମୋବାଇଲ ନେଟୱାର୍କ ଅକାମୀ ହୋଇରହିଛି । ତୁରନ୍ତ ସେବା ପ୍ରଦାନରେ ସୁଧାର ଅଣା ନ ଗଲେ ବିଏସଏନଏଲ ଉପଭୋକ୍ତା ଅନ୍ୟ ସିମ୍ ନେବାକୁ ବାଧ ହେବେ ବୋଲି ବିଷ୍ଣୁପୁର ଗ୍ରାମର ସୂର୍ଯ୍ୟପ୍ରଭା ଲେଙ୍କା କହିଛନ୍ତି। ବର୍ତ୍ତମାନ ଏହି କାର୍ଯ୍ୟାଳୟ ଜଣେ ଅଧସ୍ତନ କର୍ମଚାରୀଙ୍କ ଦାୟିତ୍ୱରେ ଅଛି । ଖଇରା ଉପଭୋକ୍ତାଙ୍କୁ ଏବେ ଭଗବାନ ସାହା ବୋଲି ଗୌରାଙ୍ଗ ପାଣି କହିଛନ୍ତି । ଏ ସମ୍ପର୍କରେ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା କର୍ମଚାରୀ ଲକ୍ଷ୍ମୀଧର ବେହେରାଙ୍କୁ ପଚାରିବାରେ ୨ଦିନ ମଧ୍ୟରେ ଏକ୍ସଚେଞ୍ଜ ସଜଡାଯିବାର ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି ।

## ଯୁବାଯୁବ ପ୍ରଶିକ୍ଷଣ ଶିବିର

ବାହାନଗା,୧୮।୮(ଡି.ଏନ.ଏ.)

ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗାଶ୍ରମ ଅନୁଷ୍ଠାନ ଓ ମାଧ୍ୟମିକ ବିଦ୍ୟାଳୟର ପୁରୁଷ ଓ ମହିଳା ଜାତୀୟ ସେବା ଯୋଜନା ବିଭାଗର ମିଳିତ ଆୟୋଜନରେ ଯୁବାଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ସୂର୍ଯ୍ୟ ନମସ୍କାର ସମେତ ବିଭିନ୍ନ ଯୋଗ ସହିତ ଆୟୁର୍ବେଦିକ ଜଡିବୁଟି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବକମାନଙ୍କ ପାଇଁ ପତଞ୍ଜଳି ନିଯୁକ୍ତି ବାବଦରେ ଆଲୋଚନା କରାଯାଇଥିଲା। ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଯୋଗ ପ୍ରଶିକ୍ଷଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଅଧ୍ୟକ୍ଷ ବିନୋଦ ମହାରଣା ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ପାଇଁ ଆସିଥିବା ଅତିଥିମାନଙ୍କଠାରେ ପ୍ରସ୍ତାବ ରଖିଥିବା ବେଳେ ତାହାକୁ ଅତିଥିମାନେ ଯୋଗକେନ୍ଦ୍ର ଖୋଲିବା ପାଇଁ ସହମତି ପ୍ରଦାନ କରିଥିଲେ। ସଭାରେ ବିନୋଦ କୁମାର ମହାରଣା ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଭାବେ କେନ୍ଦ୍ରୀୟ ପ୍ରଭାରୀ ସଚିନ୍ ଜୀ, ରାଜ୍ୟ ଯୁବା ପ୍ରଭାରୀ ପୀତାମ୍ବର ସାହୁ, ଭାରତ ସ୍ୱାଭିମାନ ଜିଲା ପ୍ରଭାରୀ କରୁଣାକର ଶିଅଳ, ଜିଲା ଯୁବା ପ୍ରଭାରୀ ମନୋଜ କୁମାର ଦେ ଯୋଗଦେଇଥିଲେ। ଗୋବର୍ଦ୍ଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଏସଏସ ପୁରୁଷ ବିଭାଗର ପ୍ରୋଗ୍ରାମ ଅଫିସର ମହେଶ୍ୱର ଉପାଧ୍ୟାୟ ଓ ମହିଳା ବିଭାଗର ଇତିଶ୍ରୀ ବେହେରା ସଂଯୋଜନା କରିଥିଲେ। ବାହାନଗା କନିଷ୍ଠ ମହାବିଦ୍ୟାଳୟ ଖେଳଶିକ୍ଷକ ସୁରେନ୍ଦ୍ର ବାରିକଙ୍କ ସମେତ ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ।

## ତେଲିପାଳ ପଞ୍ଚାୟତରେ ଲାଇବ୍ରେରି ଗୃହ ଉଦ୍‌ଘାଟିତ

ସଜନାଗଡ଼,୧୮।୮(ଡି.ଏନ.ଏ.)–

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତରେ ଲାଇବ୍ରେରି ଗୃହ ଗୁରୁବାର ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ତେଲିପାଳ ପଞ୍ଚାୟତର ସ୍ଥାନୀୟ ୩ଶହରୁ ଉର୍ଦ୍ଧ୍ୱ ବାସିନ୍ଦା ପଞ୍ଚାୟତ ପ୍ରତିନିଧି ଓ ସମାଜସେବୀ ଉପେନ୍ଦ୍ର ଦାସ ଉପସ୍ଥିତ ଥିଲେ। ୨୦୧୮–୧୯ରେ ଏମ୍‌ଜିଏନଆରଇଜିଏସ୍‌ରେ ଏହି ଗୃହ ୫ଲକ୍ଷ ଟଙ୍କା ବ୍ୟୟବରାଦରେ ସମ୍ପୂର୍ଣ୍ଣ ହୋଇଛି।

## ଗାଁ ମଜଲିସ୍ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ

ସୋର, ୧୮।୮(ଡି.ଏନ.ଏ.)

ସୋର ୟୁଏନ୍ କଲେଜ ସମ୍ମିଳନୀ କକ୍ଷରେ ଗାଁ ମଜଲିସ୍ ସାହିତ୍ୟ ସଂସଦର ସଭାପତି ଡ. ରମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚନ୍ଦ୍ରମୋହନ ମହାପାତ୍ରଙ୍କ ଉପନ୍ୟାସ 'ବିନ୍ଦୁ ବିସର୍ଗ' ଉନ୍ମୋଚନ ହେବା ସହ ବ୍ୟଙ୍ଗକବି ତଥା ସଂସଦର ପ୍ରତିଷ୍ଠାତା ବର୍ଷିୟାନ୍ ସଭ୍ୟ ଅନାଦି ଚରଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡ.ରମେଶ ଚନ୍ଦ୍ର ବିଶ୍ୱାଳ, ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଫେସର ଡ. ହରିଶଚନ୍ଦ୍ର ବେହେରା ଏହାକୁ ଉନ୍ମୋଚନ କରି ଉପନ୍ୟାସ ଲେଖା ଏବେ କମିବାରେ ଲାଗିଥିଲେ ସୁଦ୍ଧା ଏହାର ପାଠକଙ୍କ ସଂଖ୍ୟା କମି ନ ଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକ ରବି ପଣ୍ଡା ଯୋଗଦେଇ ସାହିତ୍ୟ ଧାରାରେ ବିନ୍ଦୁ ବିସର୍ଗର ଅସ୍ତିତ୍ୱବାଦୀ ଚିନ୍ତା ଓ ଚେତନାର କଥା ହିଁ ବ୍ୟକ୍ତ କରେ। ପ୍ରାକ୍ତନ ଅଧ୍ୟକ୍ଷ ଚେମେଇ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଖଇରା ସାହିତ୍ୟ ସଂସଦ ସଭାପତି ମାୟାଧର ନାୟକ, ଖଇରା ବିଇଓ ଧରଣୀଧର ପାତ୍ର, କବି ଶିଳ୍ପୀ ଅଶୋକ କୁମାର ମହାନ୍ତି, କବି ଡ. ଭରତ ବେହେରା, କବି ଦିବ୍ୟସିଂ ଦାସ ଅଧିକାରୀ, କବି ସୁରଞ୍ଜନ ପାତ୍ର, କବି ଭରତ ଚନ୍ଦ୍ର ଦାଶ, ବୈରାଗୀ ଚରଣ ମଲ୍ଲିକ, ଶୁଭେନ୍ଦୁ ରାୟ, ମିହିର କୁମାର ଦାସ, ସୁରୁଚିପ୍ରଭା ଦାସ, ଅଶୋକ କୁମାର ମହାନ୍ତି, ଡ. ଶରତ କୁମାର ମହାନ୍ତି ଓ ଡ.ବନମାଳୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିବେକାନନ୍ଦ କେନ୍ଦ୍ରରେ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର ଅଫିସ, ୧୮।୮–ବାଲେଶ୍ୱର ଜେଲ ରୋଡସ୍ଥିତ ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ ବାଲେଶ୍ୱର ଶାଖାର ଏକ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାନ୍ତ ସଂଚାଳକ ରବି ନାଇଡୁ ଯୋଗଦେଇ ସମଗ୍ର ଦେଶକୁ ଏକ ସମ୍ପର୍କର ଡୋରିରେ ବାନ୍ଧି ରଖି ପାରିବାର ଅପୂର୍ବ କୌଶଳକୁ ଆଲୋକପାତ କରାଇଥିଲେ । କେନ୍ଦ୍ରାଧ୍ୟକ୍ଷ ଯୋଗାଚାର୍ଯ୍ୟ ପ୍ରେମାନନ୍ଦ ପିରି ପ୍ରଶିକ୍ଷଣର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ନଗର ପ୍ରମୁଖ ଅଧ୍ୟାପକ ଡ. ନିରଞ୍ଜନ ଦାଶ, ସମ୍ପର୍କ ଅଧିକାରୀ ରାଧାକୃଷ୍ଣ ଆଚାର୍ଯ୍ୟ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର, ସମାଜସେବୀ ଶୁଭଙ୍କର ମହାପାତ୍ର, କବୟିତ୍ରୀ କଲ୍ୟାଣୀ ନନ୍ଦ, ବ୍ରାହ୍ମଣ ମହାସଭାର ପ୍ରାନ୍ତ ସମ୍ପାଦକ ପୀତବାସ ପଣ୍ଡା, ବ୍ରାହ୍ମଣ ମହାସଭାର ଜିଲା ସମ୍ପାଦକ ଗୌର ଚନ୍ଦ୍ର ଦାସ ଶିବିରରେ ଅଂଶଗ୍ରହଣ କରିଥିଲେ ।

## 'ସଂସ୍କୃତ ଭାଷା ଭାରତର ଆତ୍ମା'

ରୂପ୍‌ସା,୧୮।୮(ଡି.ଏନ.ଏ.)

ସମଗ୍ର ବିଶ୍ୱଭାଷାର ଜନନୀ ସଂସ୍କୃତ। ଏହା ହିଁ ଆଦିଭାଷା। ବାସ୍ତବରେ ସଂସ୍କୃତ ଭାଷା ହେଉଛି ଭାରତର ଆତ୍ମା। ଆମ ଦେଶକୁ ସଂସ୍କୃତିସମ୍ପନ୍ନ କରିବା ପାଇଁ ଏହି ଭାଷାର ପ୍ରଚାର ପ୍ରସାର ହେବା ଜରୁରୀ ବୋଲି ବିଶ୍ୱ ସଂସ୍କୃତ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ସଦର ବ୍ଲକ ରୂପ୍‌ସା ମହାପାତ୍ର ନୋଡାଲ ହାଇସ୍କୁଲରେ ଶୁକ୍ରବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଚାର ସମିତିର ସଭାପତି ନିରଞ୍ଜନ ପଣ୍ଡାଶର୍ମା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ରେବତୀ ପତ୍ରିକାର ସମ୍ପାଦିକା ତଥା


ପ୍ରଚାର ସମିତି ପକ୍ଷରୁ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି ।

ସମାଜସେବୀ ସୁବାସିନୀ ଜେନା ଓ ରାଜ୍ୟ ସଂଯୋଜକ ବିଭୂତି କର ପ୍ରମୁଖ ମଞ୍ଚାସୀନ ହୋଇ ସଂସ୍କୃତ ଭାଷା ମାଧ୍ୟମରେ ସଂସ୍କୃତି ବଞ୍ଚିରହିଛି ବୋଲି ବକ୍ତବ୍ୟରେ କହିଥିଲେ । ପ୍ରଚାର ସମିତିର ସମ୍ପାଦକ ସନ୍ତୋଷ କୁମାର ଶାସ୍ତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ସଂସ୍କୃତ ଭାଷଣ, ସଂସ୍କୃତ ସଙ୍ଗୀତ ଓ ଗୀତା ପାଠ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶେଷରେ କସିପଦା ପଞ୍ଚାୟତ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତ ଶିକ୍ଷକ ଗୌରହରି ପ୍ରହରାଜଙ୍କ ରଚିତ 'ନିର୍ବୋଧ' ଏକାଙ୍କିକା ପରିବେଷଣ ହୋଇଥିଲା। ଏହି ଅବସରରେ ପ୍ରଚାର ସମିତି ପକ୍ଷରୁ ନିରଞ୍ଜନ ପଣ୍ଡାଶର୍ମାଙ୍କୁ 'ବ୍ରାହ୍ମି ରତ୍ନାକର', ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନାଙ୍କୁ 'ସାରସ୍ୱତ ସାଧକ' ଓ ବ୍ୟବସାୟୀ ରାମଚନ୍ଦ୍ର ରଣାଙ୍କୁ 'ସଂସ୍କୃତି ରକ୍ଷକ' ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅଜଣା ରୋଗରେ ୫୦ରୁ ଉର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ

ଖୁଣ୍ଟା,୧୮।୮(ଡି.ଏନ୍.ଏ.)–

ଅଜଣା ରୋଗରେ ଗୋରୁଗାଈ ଆକ୍ରାନ୍ତ ହେଉଥିବାରୁ ଖୁଣ୍ଟା ଅଞ୍ଚଳର ଗୋପାଳକମାନେ ଚିନ୍ତାରେ ପଡିଛନ୍ତି। ଚାଷୀମାନଙ୍କ କହିବା ଅନୁଯାୟୀ ଗୋରୁଗାଈଙ୍କ ଦେହରେ ଫୋଟକା ଭଳି ଫୁଲି ଯାଉଥିବା ବେଳେ ପରବର୍ତ୍ତୀ ସମୟରେ ସେଗୁଡିକ ଫାଟି ଘା' ସୃଷ୍ଟି ହେଉଛି । ପ୍ରଥମେ ଆଗ ଗୋଡ଼ ଦୁଇଟିର ଗଣ୍ଠି ସ୍ଥାନ ଫୁଲି ଯାଉଛି। ଏଭଳି ରୋଗକୁ ସାଧାରଣ ଭାବେ ଚାଷୀମାନେ ବସନ୍ତ ରୋଗ ବୋଲି କହୁଥିବା ବେଳେ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଏହାକୁ ଏକ ପ୍ରକାର ଭୁତାଣୁ ଜନିତ ଚର୍ମ ରୋଗ ବୋଲି ଚିହ୍ନଟ କରିଛନ୍ତି ଏବଂ ଏହା ଆରୋଗ୍ୟ ଯୋଗ୍ୟ ବୋଲି ଚାଷୀମାନଙ୍କୁ ଆଶ୍ୱାସନା


ଭ୍ରାମ୍ୟମାଣ ଚିକିତ୍ସକ ଦଳ ଗୋପାଳକମାନଙ୍କୁ ପରାମର୍ଶ ଦେଉଛନ୍ତି ।

ଦେଇଛନ୍ତି। ୩ ଦିନରୁ ୫ ଦିନ ପର୍ଯ୍ୟନ୍ତ ଚିକିତ୍ସା କରାଗଲେ ଉକ୍ତ ରୋଗ ଭଲ ହୋଇଯାଉଛି ବୋଲି କହିଛନ୍ତି । ଆକ୍ରାନ୍ତ ଗୋରୁଗାଈଙ୍କ ରକ୍ତ ଓ ଆକ୍ରାନ୍ତ ସ୍ଥାନ ଚର୍ମର ନମୁନା ଜିଲା ପରୀକ୍ଷାଗାରକୁ ପଠାଯାଇଛି। ରିପୋର୍ଟ ଆସିଲେ ରୋଗ ବିଷୟରେ ଅଧିକ ସୂଚନା ମିଳିବ ବୋଲି କହିଛନ୍ତି। ଚିକିତ୍ସା କେନ୍ଦ୍ରରେ ଗୋରୁଗାଈଗୁଡିକୁ ଚିକିତ୍ସା କରାଯାଉଥିବା ବେଳେ ଭ୍ରାମ୍ୟମାଣ ବ୍ୟବସ୍ଥାରେ ଖବର ଆସୁଥିବା ଗ୍ରାମକୁ ଯାଇ ଚିକିତ୍ସା କରାଯାଉଛି ବୋଲି କହିଛନ୍ତି। ତେବେ ଏହି ରୋଗରେ କୋଣସି ଗୋରୁଗାଈ ମରି ନାହାନ୍ତି ବୋଲି ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ ଓ ଅତିରିକ୍ତ ଚିକିତ୍ସା ଅଧିକାରୀ ଅର୍ଚ୍ଚନା ଷଡ଼ଙ୍ଗୀ କହିଛନ୍ତି। ବିଭାଗର ସୂଚନା ଅନୁଯାୟୀ, ଉକ୍ତ ଚିକିତ୍ସା କେନ୍ଦ୍ରର ସେବା ପରିସର ଅଧୀନରେ ଥିବା ଖୁଣ୍ଟା ବ୍ଲକର କଟରାଶୋଳ,ଗଡିଗାଁ , ଧରମପୁର, ନୂଆସହି, ଧାନଘେରା, ଖୁଦପୁଟୁଲି ,ବିସିପୁର, ଚୂନଡିହା, ଅଙ୍ଗାର କୁଣ୍ଡିଆ , ଛତରମା , ବାହାନଡା ଓ ପଡୋଶୀ ଗୋପବନ୍ଧୁ ନଗର ବ୍ଲକର ବଡ଼ଖୁଣ୍ଟା ଓ ଟାଙ୍ଗଣା ଆଦି ମୋଟ ୧୩ଟି ଗ୍ରାମରେ ୬୮ ଗୋଟି ଗୋରୁଗାଈ ଆକ୍ରାନ୍ତ ହୋଇଥିବା ବେଳେ ସେଗୁଡିକୁ ଚିକିତ୍ସା କେନ୍ଦ୍ର ବ୍ୟତୀତ ଏହା ଅଧୀନରେ ଥିବା ୫ ଗୋଟି ଉପକେନ୍ଦ୍ର ମାଧ୍ୟମରେ ଚିକିତ୍ସା ଜାରି ରହିଛି ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସମୀକ୍ଷା

କପ୍ତିପଦା,୧୮।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସମୀକ୍ଷା ଶୁକ୍ରବାର କରାଯାଇଥିଲା। ଡେପୁଟି ଡାଇରେକ୍ଟର ତଥା ମ୍ୟାନେଜର ଇନ୍‌ଫରମେଶନ୍ ସିଷ୍ଟମ୍ ବିଦ୍ୟାଧର ସେଠୀ ଶୁକ୍ରବାର କପ୍ତିପଦା ଗସ୍ତରେ ଆସି କର୍ମନିଯୁକ୍ତି ଯୋଜନାର ସମୀକ୍ଷା କରି ଏହାର ସଫଳ ରୂପାୟନ ପ୍ରତି ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା କାର୍ଯ୍ୟରେ ଜିଲା ଏମ୍‌ଜିଏନ୍‌ଆରଜିଏ କୋଅର୍ଡିନେଟର ଜୁଲ୍‌ଫିକର ଖାନ୍ ଯୋଗ ଦେଇଥିଲେ। ବିଡିଓ ରବୀନ୍ଦ୍ର ମଲ୍ଲିକ୍, ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା, ଏପିଇଓ ବିମଳ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ଆର୍ଥିକ ବର୍ଷରେ ବ୍ଲକ୍‌ରେ ଶ୍ରମଦିବସ ସୃଷ୍ଟି କରିବା ଲକ୍ଷ୍ୟ ପୂରଣ ହୋଇଥିବା ଜାଣି ଡେପୁଟି ଡାଇରେକ୍ଟର ସନ୍ତୋଷ ବ୍ୟକ୍ତ କରିଥିଲେ। ୨୦୧୯–୨୦ ଆର୍ଥିକ ବର୍ଷରେ ଯୋଜନାରେ ମଡେଲ୍ ଟ୍ୟାଙ୍କ୍, ରୁରାଲ୍ ପାର୍କ, ପଞ୍ଚାୟତ ଲାଇବ୍ରେରି, ମଡେଲ ଖେଳପଡ଼ିଆ, ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର ଭଳି ବିଭିନ୍ନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ବନ୍ୟା ଆଶଙ୍କାରେ ୪୧ ଗାଁ

ବଡ଼ସାହି,୧୮।୮(ସ୍ୱ.ପ୍ର)

■ ନଦୀକୂଳବାସୀ ଛାନିଆ

■ ମୁକାବିଲା ଲାଗି ପ୍ରଶାସନ ସଜାଗ

ଲଗାଣ ବର୍ଷା ଯୋଗୁ ଶିମିଳିପାଳରୁ ବାହାରିଥିବା ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ଶନିବାର ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ୧୦୬.୫ ମି.ମି ବର୍ଷା ହୋଇଛି। ରବିବାର ଅପରାହ୍ନ ସୁଦ୍ଧା ବଡିସାହି ବ୍ଲକରେ ୪୨ ମି.ମି, ବାରିପଦାରେ ୫୫ ମି.ମି, ବେତନଟୀରେ ୭୧ ମି.ମି ଓ ବାଙ୍ଗିରିପୋଷିରେ ୧୦୩.୬ ମି.ମି ବର୍ଷା ହୋଇଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଉଭୟ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ବାରିପଦାଠାରେ ବୁଢାବଳଙ୍ଗ ନଦୀର ବିପଦସଙ୍କେତ ୩୦ ଫୁଟ ଥିବା ବେଳେ ରବିବାର ସନ୍ଧ୍ୟା ସୁଦ୍ଧା ସେଠାରେ ଜଳପତ୍ତନ ୨୬.୫ ଫୁଟ ଥିଲା। ବର୍ଷା ଲାଗି ରହିଥିବାରୁ ଜଳପତ୍ତନ ଆହୁରି ବଢି ପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ବଡ଼ସାହି ବ୍ଲକ ଅଞ୍ଚଳରେ ବର୍ଷା ଯୋଗୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଏହି ବ୍ଲକ ମଧ୍ୟ ଦେଇ ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀ ପ୍ରବାହିତ ହେଉଥିବାରୁ ବନ୍ୟା ଆଶଙ୍କାରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଚାଉଳ, ଚୁଡା, ଚିନି, ଗୁଡ଼, ପଲିଥିନ ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ପଞ୍ଚାୟତ କାର୍ଯ୍ୟାଳୟରେ ଗଚ୍ଛିତ ରଖାଯାଇଥିବା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି। ଏହି ଦୁଇ ନଦୀରେ ବନ୍ୟା ଆସିଲେ ବଡ଼ସାହି ବ୍ଲକର ୪୧ଟି ଗ୍ରାମ ପ୍ରଭାବିତ ହୋଇଥାଏ। ବୁଢାବଳଙ୍ଗ କୂଳରେ ଅବସ୍ଥିତ ଆରପଟା, ଭଞ୍ଜବାଟୀ, ମାଙ୍କଡାପାଳ, ବଳଭଦ୍ରପୁର, ବେଲପାଳ, ଖୁଣ୍ଟାପାଳ, ବାଗୁଲି, ଡିଙ୍ଗିରା, ବାରିହାପାଳ, ବର୍ତ୍ତନା, ଅସ୍ତପୁରା, ଶଙ୍କୁଚା, ଗମ୍ଭାରିଆ, ତେନ୍ତଳ, ଜଳନଣ୍ଡ, ଆସ୍କନ୍ଦ, ରଙ୍ଗପାଣି, କୁଲକୁଠା, ସର୍ବେଶ୍ୱରପୁର, ମହୁପୁରା, ମିରିଗିଦାରୀ, କୁଡ଼ିମୁଣ୍ଡା, ଧନାପାଳ, ଉତ୍ତରପାଳ ଓ ସୋରିଷକୋଠା ଆଦି ଗ୍ରାମର ଲୋକମାନେ ଭୟଭୀତ ଅବସ୍ଥାରେ ରହନ୍ତି । ସେହିପରି ଗଙ୍ଗାହାର ନଦୀ କୂଳ ସଂଲଗ୍ନ ତଳିଆ ଅଞ୍ଚଳର ମାଣତ୍ରୀ, କୁଣ୍ଡିସାହି, ବେଢ଼ାପାଳ, ଆଦିଡିହା, କୁଞ୍ଜିବଣିଆ, ଉଞ୍ଚଡିହି, ସିମିଳିସାହି, ଆଗ୍ରିଆ, ଢୁମୁରିଆ, ନରଣଗାଁ, ପାଳପାଟଣା, ନୁଣକୁଆ, ଜଡିଦା, ଭୁରୁଡିହା, ଶାଳଗାଁ, ଚେଙ୍ଗୁଆ–ମଙ୍ଗଳପୁର, ମାଙ୍କଡକେନ୍ଦା ଓ ବେଗୁନିଆବଣୀ ଗ୍ରାମର ଲୋକମାନେ ବିପଦ ସଙ୍କୁଳ ଅବସ୍ଥାରେ ରହିଛନ୍ତି । ପ୍ରଶାସନ ପରିସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି। ମାଣତ୍ରୀ ରାଜସ୍ୱ ନିରୀକ୍ଷକ ତଳିଆ ଅଞ୍ଚଳ ବୁଲି ସ୍ଥିତି ପରଖିବା ସହ ଜନସାଧାରଣଙ୍କ ସହ ଆଲୋଚନା ଜାରି ରଖିଛନ୍ତି । କିଛି ବିପଦ ସୃଷ୍ଟି ହେଲେ ତୁରନ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ଅମୀୟ କୁମାର ରାଉତ ପ୍ରକାଶ କରିଛନ୍ତି। ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ଚାଷୀମାନେ ଚାଷ କରିଥିବା ଧାନ ଫସଲ ଓ ପରିବା ଚାଷ ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ଦେଖାଦେଇଛି। ବର୍ଷାଜଳ ନିଷ୍କାସନ ନ ହେବାରୁ ଅନେକ ସ୍ଥାନରେ ପାଣି ଜମି ଥିବା ଦେଖାଦେଇଛି। ବିଶେଷ ଭାବେ ଗୃହପାଳିତ ପଶୁମାନଙ୍କ ପାଇଁ ଖାଦ୍ୟର ସମସ୍ୟା ଦେଖାଦେଇଛି ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଲୋକମାନେ ପ୍ରୟାସ ଚଳାଇଛନ୍ତି। ବର୍ଷା ଦିନେ ପ୍ରତିବର୍ଷ ବନ୍ୟା ଭଳି ପରିସ୍ଥିତି ଉପୁଜୁଥିବାରୁ ୨୨ଟି ପଞ୍ଚାୟତର ହଜାର ହଜାର ଲୋକେ ପ୍ରଭାବିତ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବ୍ଲକ ଅଧୀନ ବାଗୁଲି, ରଙ୍ଗପାଣି ଓ କୋଲକଠାଠାରେ ୩ଟି ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ଏଥିରେ ୧୦/୧୨ଟି ଗ୍ରାମର ଲୋକମାନେ ସୁରକ୍ଷିତ ଭାବେ ରହି ପାରିବେ। ଅବଶିଷ୍ଟ ଗ୍ରାମର ଲୋକମାନଙ୍କ ସୁରକ୍ଷା ନିମନ୍ତେ ଅଧିକ ବନ୍ୟାବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବା ସହ ଉଭୟ ନଦୀରେ ଆଡିବନ୍ଧ ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।


ବୁଢାବଳଙ୍ଗ ନଦୀରେ ବନ୍ୟା ଜଳ।

## ମେଗା ଅସ୍ତ୍ରୋପଚାର ଶିବିର

ଉଦଳା,୧୮।୮(ଡି.ଏନ୍.ଏ.)

ଭାରତ ଶଲ୍ୟ ଚିକିତ୍ସକ ସଂଘର ରାଜ୍ୟ ଚାପ୍ଟର ପକ୍ଷରୁ ମୟୂରଭଞ୍ଜ ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଇଂଲଣ୍ଡର ଟରମୋହନ ରୋଟାରୀ କ୍ଲବର ସହଯୋଗରେ ଉଦଳା ରୋଟାରୀ କ୍ଲବ ଏବଂ ଆନ୍ତର୍ଜାତିକ ସଂଘ 'ଅପରେଶନ ହର୍ଣ୍ଣିଆ'ର ପୂର୍ଣ୍ଣ ସହଯୋଗରେ ସ୍ଥାନୀୟ ଡାକ୍ତରଖାନାରେ ମେଗା ହର୍ଣ୍ଣିଆ ଅସ୍ତ୍ରୋପ୍ରଚାର ଶିବିର ଆୟୋଜନ ହେବ। ସ୍ଥାନୀୟ ରୋଟାରୀ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଶଲ୍ୟ ଚିକିତ୍ସକ ସଂଘ ଓଡିଶା ଚାପ୍ଟରର ସମ୍ପାଦକ ତଥା କପ୍ତିପଦା ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାର ଅଧକ୍ଷ ଡା. ଶିବାନନ୍ଦ ମହାନ୍ତି ଓ ରୋଟାରୀ କ୍ଲବର ସଭାପତି ଇଂ. ସୁବାସ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ସମ୍ମିଳନୀରେ କୁହାଯାଇଥିଲା ଯେ, ଆସନ୍ତା ସେପ୍ଟେମ୍ବର ୨୧ ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଏହି ନିଃଶୁଳ୍କ ଶିବିର ସ୍ଥାନୀୟ ମେଡିକାଲ ପରିସରରେ ଆୟୋଜିତ ହେବ। ଏଥିରେ ଆମେରିକା, ଇଂଲଣ୍ଡରୁ ୫ ଜଣରୁ ଅଧିକ ଡାକ୍ତର ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏହାଛଡା ଭୁବନେଶ୍ୱର, ବାଲେଶ୍ୱର, ବାରିପଦାରୁ ମଧ ଶଲ୍ୟ ଏବଂ ନିଶା ଚିକିତ୍ସକ ଏହି ଶିବିରରେ ଯୋଗ ଦେବେ । ପ୍ରାୟ ୭୦ ଜଣ ରୋଗୀଙ୍କ ଅସ୍ତ୍ରୋପ୍ରଚାର ଲାଗି ଶିବିରରେ ପ୍ରସ୍ତୁତି କରାଯାଇଛି ବୋଲି କ୍ଲବର ସଭାପତି ପଣ୍ଡା କହିଥିଲେ। ଏହାମଧ୍ୟରେ ରୋଗୀ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । କ୍ଲବର ସମ୍ପାଦକ ବ୍ରହ୍ମାନନ୍ଦ ନାଏକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



ରୋଟାରୀ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଅଗଷ୍ଟ ୧୯/୨୦୧୯ Balasore, Monday, August 19/2019

# ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟାଜଳ

**ଜଳେଶ୍ୱର/ଭୋଗରାଇ, ୧୮।୮(ଡିଏନ.ଏ.)**

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲାର ନଦୀ ନାଳ ଉଚ୍ଛୁଳିବା ଆରମ୍ଭ କରିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣରେଖାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଆସିଛି। ଅନୁରୂପ ବୁଢାବଳଙ୍ଗରେ ଜଳପତ୍ତନ ବୃଦ୍ଧି ପାଇଛି। ରବିବାର ମଧ୍ୟାହ୍ନରେ ଜଳକା କୂଳ ଲଘିଂଥିବା ସୂଚନା ମିଳିଛି। ଉତ୍ତର ବାଲେଶ୍ୱରରେ ଶନିବାର ରାତିଠାରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବା ବେଳେ ରବିବାର ସନ୍ଧ୍ୟାରୁ ବର୍ଷା ପରିମାଣ କମିଛି। ଏହାସତ୍ତ୍ୱେ ପ୍ରଶାସନ ସୁବର୍ଣ୍ଣରେଖା ବନ୍ୟାଜଳ ସ୍ଥିତି ଉପରେ କଡା ନଜର ରଖିଛି।

ଜିଲା ଜରୁରୀକାଳୀନ ଦପ୍ତରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଜଳେଶ୍ୱରରେ ସର୍ବାଧିକ ୧୬୧ ମି.ମି. ବର୍ଷା ହୋଇଥିବା ବେଳେ ଭୋଗରାଇରେ ୧୩୦, ବସ୍ତାରେ ୬୭, ବାଲିଆପାଳରେ ୫୨ମି.ମି. ବର୍ଷା ହୋଇଛି। ଜିଲାରେ ମୋଟ ବର୍ଷାର ପରିମାଣ ୬୧୨ମି.ମି. ବୋଲି ରେକର୍ଡ କରାଯାଇଛି। ଲଗାଣ ବର୍ଷା କାରଣରୁ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସୁବର୍ଣ୍ଣରେଖାର ଉପରମୁଣ୍ଡରେ ଅଧିକ ବର୍ଷା ହୋଇଥିବା ସୂଚନା ମିଳିଛି। ଜାମସେଦପୁରରେ ୧୧୯, ରାଜଘାଟରେ ୧୧୩.୪, ଜାମଶୁଳାରେ ୯୮.୮, ଘାଟଶିଳାରେ ୯୧.୪ ଓ ଫେକୋଘାଟରେ ୮୩.୦ମି.ମି. ବର୍ଷା ହୋଇଥିବା ସେଚ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ସୁବର୍ଣ୍ଣରେଖାର ରାଜଘାଟଠାରେ ଜଳପତ୍ତନ ବୃଦ୍ଧି ପାଇ ୫.୮ ମିଟରରେ ପହଞ୍ଚିଛି। ସେଠାରେ ସତର୍କ ସଙ୍କେତ ୯.୪୫ମିଟର ଥିବା ବେଳେ ବିପଦ ସଙ୍କେତ ୧୦.୩୬ମିଟର ରହିଛି। ଜଳସ୍ତର କ୍ରମଶଃ ବୃଦ୍ଧି ପାଉଥିବାରୁ ପ୍ରଶାସନ ଓ ସେଚବିଭାଗ ଏଥିପ୍ରତି ସଜାଗ ଦୃଷ୍ଟି ରଖିଛି।


ଜଳେଶ୍ୱରରେ ପାଣିରେ ବୁଡ଼ି ରହିଥିବା ଚାଷଜମି।


ଉଚ୍ଛୁଳିଛି ସୁବର୍ଣ୍ଣରେଖା।

## ବର୍ଷା ପାଣିରେ ଉବୁଟୁବୁ ଜଳେଶ୍ୱର

**ଜଳେଶ୍ୱର,୧୮।୮**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଜଳେଶ୍ୱର ପୌରାଞ୍ଚଳର ୧୭ଟି ୱାର୍ଡରେ ଜଳମଗ୍ନ ହୋଇଛି। ଜଳେଶ୍ୱର ପୌରାଞ୍ଚଳର ୧ନଂ. ୱାର୍ଡର ଝାଡେଶ୍ୱରପୁର, ୪ନଂ. ୱାର୍ଡ ପଥରପୁରା, ୬ନଂ. ୱାର୍ଡର ଦେଉଳି ପଞ୍ଚୁଘଣ୍ଟା, ୭ନଂ. ୱାର୍ଡ ଶାସନବାଡ, ୮ନଂ. ୱାର୍ଡର ଜେଲରୋଡ ଅଞ୍ଚଳ, ୧୦ନଂ. ୱାର୍ଡ ଶାନ୍ତଆ, ୧୩ନଂ. ୱାର୍ଡ ନନ୍ଦିକା, ୧୪ନଂ. ୱାର୍ଡ ଚୂଡାମଣିପୁର, ୧୫ ନଂ. ୱାର୍ଡ ନହଞ୍ଜରା, ୧୬ନଂ. ୱାର୍ଡ ଅଲାଲପୁର, ୧୭ ନଂ. ୱାର୍ଡ ଭାଆଦା ଓ ଚକବିଷ୍ଣୁ ଗ୍ରାମର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ପୌରାଞ୍ଚଳ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପରିଷଦ କାର୍ଯ୍ୟାଳୟ ଛୁଟି ଥିବାରୁ ଜଳ ନିଷ୍କାସନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜଳ ନିଷ୍କାସନ ଦାବି କରି ସୋମବାର ୧୯ତାରିଖରେ ସହରବାସୀ ପୌର କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବଢୁଛି ବୈତରଣୀ


ବୈତରଣୀ ନଦୀରେ ବନ୍ୟାଜଳ।

**ଭଣ୍ଡାରିପୋଖରୀ, ୧୮।୮ (ଡି.ଏନ.ଏ.)**

ବୈତରଣୀ ନଦୀରେ ଜଳସ୍ତର ବଢୁଛି। ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ରହିଛି। ରବିବାର ସକାଳୁ ଜଳସ୍ତର କମି ଅପରାହ୍ଣ ୪ଟାରେ ସ୍ଥିର ହୋଇ ୧୬.୭୨ ମିଟରରେ ପହଞ୍ଚିଥିଲା। ବନ୍ୟାଜଳ ୫ଟାରେ ବୃଦ୍ଧି ପାଇବା ଆରମ୍ଭ କରିଥିଲା। ୫ ଟାରେ ଆଖୁଆପଦାଠାରେ ୧୬.୭୪ ମିଟରରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ରାତି ୯ଟା ବେଳେକୁ ୧୬.୮୪ ମିଟରରେ ପହଞ୍ଚିଥିଲା। ନଦୀର ଅବବାହିକାରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ ଆଖୁଆପଦାଠାରେ ୪୦.୨ ମି.ମି., ଆନନ୍ଦପୁରରେ ୫୨.୪ ମି.ମି., ସୋମପାଟଣାରେ ୫୫.୮ ମି.ମି., କେନ୍ଦୁଝରରେ ୨୬.୮ ମି.ମି., ଠାକୁରମୁଣ୍ଡାରେ ୫୦.୪ ମି.ମି. ଓ ଚମ୍ପୁଆଠାରେ ୨୪.୨ ମି.ମି. ବର୍ଷା ହୋଇଛି। ତେବେ ଏହି ବନ୍ୟାଜଳ ବୃଦ୍ଧି ପାଇ ବିପଦ ସଙ୍କେତ ପାଖାପାଖି ହୋଇପାରେ ବୋଲି ଆଖୁଆପଦା ଫ୍ଲଡ ସେଲ୍ ସୂତ୍ରରୁ ପ୍ରକାଶ।

## ସଂକ୍ଷେପରେ

### ଜାଲ ପରମିଟ୍‌ରେ ପଥର ଚାଲାଣ

**ସୋର, ୧୮।୮(ଡି.ଏନ.ଏ.):** ସୋର ମଙ୍ଗଳପୁର ରାସ୍ତା ଆଙ୍ଗୁଳା ଛକରେ ରବିବାର ବେଆଇନ୍ ପଥର ବୋଝେଇ ଡମ୍ପର ଉପରେ ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଥିବା ବେଳେ ଡ୍ରାଇଭର ଚଞ୍ଚକତା କରି ଖସିଯାଇଛନ୍ତି। ଏହି ଛକରେ ସୋର ତହସିଲଦାର ଦେବୀ ପ୍ରସାଦ ଦାଶ ପୋଲିସ ଉପସ୍ଥିତିରେ ବେଆଇନ ପଥର ଚାଲାଣ ହେଉଥିବା ଅଭିଯୋଗରେ ଚଢ଼ାଉ କରିଥିଲେ। ଏହି ସମୟରେ ଖାଦାନରୁ ଆସୁଥିବା ପଥର ବୋଝେଇ ଡମ୍ପର (ନଂ.ଓଡି-୦୪ଡି-୭୪୧୯)ର ଡ୍ରାଇଭର ଦେଖାଇଥିବା ପରମିଟ୍ କାଗଜପତ୍ର ଜାଲ ଥିବା ଜଣାପଡିଥିଲା। ଏହି ଗାଡିକୁ ପୋଲିସ ସହାୟତାରେ ଥାନାକୁ ଅଣାଯାଉଥିବା ବେଳେ ଡ୍ରାଇଭର ରାସ୍ତାରେ ଗାଡି ଅଟକାଇ ଖରାପ ହୋଇଥିବା କହି ତଳକୁ ଓହ୍ଲାଇ ଗାଡି ତ୍ରୁଟି ଦେଖିବା ବାହାନାରେ ପଛରୁ ଆସୁଥିବା ଏକ ସ୍କୁଟିରେ ବସି ଚମ୍ପଟ ମାରିଥିଲେ। ଡମ୍ପର ରାସ୍ତାରେ କିଛି ସମୟ ଅଟକି ରହିବା ପରେ ପୁଲିସ ଏହି ଡମ୍ପରକୁ ଆଣି ଥାନାରେ ଅଟକ ରଖି ଜାଲ ଘଟଣାର ତଦନ୍ତ କରୁଛି। ଏନେଇ ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଧରାପଡିଥିବା ପଥର ବୋଝେଇ ଡମ୍ପର ଡ୍ରାଇଭର ତଦନ୍ତ ବେଳେ ଅସହଯୋଗ କରିଥିବା ସହ ଜାଲ କାଗଜପତ୍ର ପ୍ରସ୍ତୁତି କରିଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଗାଡି ମାଲିକ ସନ୍ତରାଗଡ଼ିଆ ଅଞ୍ଚଳର ରମାକାନ୍ତ ମଲ୍ଲିକ ବୋଲି ଜଣାପଡିଛି।

### ଟ୍ରେନ୍‌ରୁ ନାବାଳକ ଉଦ୍ଧାର

**ଭୁବନେଶ୍ୱର, ୧୮।୮(ବ୍ୟୁରୋ):** ହାଓଡ଼ା-ଚେନ୍ନାଇ ମେଲ୍ ଟ୍ରେନ୍‌ରୁ ଅସହାୟ ଅବସ୍ଥାରେ ଜଣେ ନାବାଳକଙ୍କୁ ଆର୍‌ପିଏଫ୍ ଶନିବାର ଉଦ୍ଧାର କରିଛି। ଭଦ୍ରକ-ଖୋର୍ଦ୍ଧାରୋଡ ମଧ୍ୟରେ ଏସ୍କର୍ଟିଂ ବେଳେ ଆର୍‌ପିଏଫ୍ କନଷ୍ଟେବଲ କେ.ସି. ପ୍ରଧାନ ଓ ଡି. ନାଥ ଏହି ନାବାଳକଙ୍କୁ ବେଶିନ ପାଖରେ ଏକୁଟିଆ ବସିଥିବା ଦେଖିଥିଲେ। ତାଙ୍କୁ କେହି ଚାଲାଣ କରୁଥିବା ସନ୍ଦେହ କରି ପଚରାଉଚରା କରିବା ପରେ ପରିଚୟ ମିଳିଥିଲା। ସେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ନୂଆସାହିର ରାମ ବିନ୍ଧାଣୀଙ୍କ ପୁଅ ବବୁଲ। ପାଠପଢ଼ା ଭୟରେ ସେ ଘରୁ ଲୁଚି ପଳାଇ ଆସିଥିବା ବବୁଲ କହିଥିଲେ। ପରେ ତାଙ୍କୁ ଖୋର୍ଦ୍ଧା ରୋଡ ରେଳ ଷ୍ଟେଶନ ଜିମା ଦିଆଯାଇଥିଲା। ପରେ ଶିଶୁ ସୁରକ୍ଷା କର୍ମୀ ଆସି ତାଙ୍କୁ ଶିଶୁଯତ୍ନ ଅନୁଷ୍ଠାନରେ ରଖିଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

### ଜିଲାସ୍ତରୀୟ ଲୋକ ଅଦାଲତ

**କେନ୍ଦୁଝର, ୧୮।୮ (ଡି.ଏନ.ଏ):** କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରବିବାର ଜିଲା ଜଜ୍‌କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ ଓ ବଡ଼ବିଲ ଆଦି କୋର୍ଟରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ବିଜୟ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦୁଝର ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ସ୍ଥାୟୀ ନିରନ୍ତର ଲୋକ ଅଦାଲତର ବିଚାରପତି ରାମନାଥ ପଣ୍ଡା, ଭିଜିଲାନ୍ସ ବିଚାରପତି ରେଖା ପ୍ରସାଦ, ପରିବାର ଅଦାଲତର ବିଚାରପତି ମିନତି କୁମାରୀ ପଣ୍ଡା, ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଚିରଞ୍ଜନ ପାତ୍ର, ଜିଲା ଆଇନସେବା ପ୍ରାଧିକରଣ ସଚିବ ବନାଲି ତ୍ରିପାଠୀ, ସିଭିଲ ଜଜ୍(ସିନିୟର ଡିଭିଜନ) ସ୍ୱର୍ଣ୍ଣଲତା ନାୟକ, ଜେଏମ୍ଏଫ୍‌ସି ବିରଜା ପ୍ରସାଦ ପଣ୍ଡା, ସିପ୍ରା ପ୍ରିୟଦର୍ଶିନୀ ସାହୁ ଓ ଐଶ୍ୱରୀୟା କର ନିଜ ନିଜ କୋର୍ଟ ପରିଚାଳନା କରିଥିଲେ। ଉକ୍ତ ଅଦାଲତରେ ୨୮ଟି ମକଦ୍ଦମା ଫଇସଲା କରାଯାଇ ୬ ଲକ୍ଷ ୧୫ ହଜାର ୬୩୭ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହାବ୍ୟତୀତ ପରିବାର ଅଦାଲତର ବିଚାରପତି ମିନତି କୁମାରୀ ପଣ୍ଡା ଦୁଇଟି ପରିବାର ମଧ୍ୟରେ ଲାଗିଥିବା ବିବାଦର ଆପୋଷ ବୁଝାମଣା କରିଥିଲେ। ଏହି ଲୋକ ଅଦାଲତରେ ୪୩୭୨ଟି ରାଜସ୍ୱ ମାମଲାର ଫଇସଲା କରାଯାଇ ୯ ଲକ୍ଷ ୫୨ ହଜାର ୧୭୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

## ହସ୍‌ପିଟାଲରେ ଗଣ୍ଡଗୋଳ, ଭଙ୍ଗାରୁଜା ଘଟଣା

# ୬ ଗିରଫ, ୪ ଡାକ୍ତରଙ୍କୁ ବଦଳି

**ଜଳେଶ୍ୱର, ୧୮।୮**

ଜଳେଶ୍ୱର ଜି.କେ. ଭଞ୍ଜ ହସ୍‌ପିଟାଲରେ ଗଣ୍ଡଗୋଳ, ଭଙ୍ଗାରୁଜା ଓ ଡାକ୍ତରଙ୍କୁ ମାଡ ଘଟଣାରେ ବାଲେଶ୍ୱର ସିଡିଏମଓ ଡା.କମଳାକାନ୍ତ ନାୟକ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ସେହିପରି ପୋଲିସ ପକ୍ଷରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୬ ଜଣଙ୍କୁ ଗିରଫ କରାଯାଇଛି। ସିଡିଏମଓ ଡା.କମଳାକାନ୍ତ ନାୟକଙ୍କ ପଦକ୍ଷେପ ଅନୁଯାୟୀ, ଡା. ଗଣେଶ ଚନ୍ଦ୍ର ପାଳଙ୍କୁ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବା ବେଳେ ସେଠାରୁ ଡା. ଉତ୍ତମ ଦଣ୍ଡପାଟଙ୍କୁ ଭଞ୍ଜ ହସପିଟାଲକୁ ବଦଳି କରାଯାଇଛି। ସେହିପରି ଭଞ୍ଜ ହସପିଟାଲର ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡା. ଦିଲୀପ ପାତ୍ରଙ୍କୁ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ, ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଜୟ କୁମାର ସାହୁଙ୍କୁ ଭଞ୍ଜ ହସପିଟାଲକୁ ବଦଳି କରାଯାଇଛି। ଭଞ୍ଜ ହସପିଟାଲର ଡା. ବିନୟ କୁମାର ପ୍ରଧାନ ଓ ଡା. ସସ୍ମିତା ସିଂଙ୍କୁ କମର୍ଦ୍ଦା ଡାକ୍ତରଖାନାକୁ ବଦଳି କରାଯାଇଛି। ସେହିପରି କମର୍ଦ୍ଦା ଡାକ୍ତରଖାନାର କାର୍ଯ୍ୟରତ ୨ଜଣ ଡାକ୍ତରଙ୍କୁ ବଦଳି କରାଯାଇଛି। ମାତ୍ର ସେମାନେ ଭଞ୍ଜର ହସ୍‌ପିଟାଲରେ କାର୍ଯ୍ୟରେ ଯୋଗ ଦେଇ ନ ଥିବା ଜଣାଯାଇଛି। ଅନ୍ୟପକ୍ଷେ ପୋଲିସ୍ ଗିରଫ ୬ଜଣଙ୍କୁ ରବିବାର କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜଳେଶ୍ୱର ଉପ କାରାଗାରକୁ ପଠାଯାଇଛି। ଗିରଫ ଯୁବକମାନେ ହେଲେ ଶାସନବାଡ ଗ୍ରାମର ସେକ ଗଫିର(୩୩), ସେକ ହନିଫ (୩୫), ରାଜପୁର ଗ୍ରାମର ସେକ ଜାହାଙ୍ଗିର(୨୬), ସେକ ରାଜା(୧୯), ରାଜପୁର ଗ୍ରାମର ଅବଦୁଲ ସବିର ଖାଁ(୨୧) ଓ ପଥରପୁରା ଗ୍ରାମର ମୀର ସାମସେର (୨୨)। ପୋଲିସ ସିସିଟିଭି, ଭିଡିଓ ଫୁଟେଜ ଓ ମୋବାଇଲ ଦ୍ୱାରା ଉତ୍ତେଳିତ ଚିତ୍ରକୁ ଭିତ୍ତି କରି ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଏହି ଘଟଣାରେ ପ୍ରାୟ ୧୫୦ଜଣ ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରି ପୋଲିସ ଏକ ତାଲିକା ପ୍ରସ୍ତୁତ କରୁଛି।

## ଧାନଚାଷ ଦଳି ଦେଲେ ହାତୀପଲ

**ସୋର, ୧୮।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ବାଘଆମ୍ବୁଡ଼ା ନିକଟସ୍ଥ ଦେବଗିରି ପାଦଦେଶ ଚାଷ ଜମିରେ ଶନିବାର ରାତିରେ ୧୨ଟି ହାତୀ ପଶି ଧାନ ଚାଷକୁ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ଧାନ ତଳି ରୁଆ କାମ ସରିଯାଇଥିବା ଏହି ଅଞ୍ଚଳରେ ପୁଣିଥରେ ବିହନ ସଂଗ୍ରହ କରି ରୋଇବା ସମ୍ଭବପର ହୋଇପାରିବ ନାହିଁ ବୋଲି ଭାବି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏହି ଗ୍ରାମର ବୀଣା ରାଉତଙ୍କ ୧ ଏକର, ଟୁନା ବିନ୍ଧାଣି ୧, ମାଧବାନନ୍ଦ ସାହୁ ଦେଢ଼ ଏକର, ଗୋବିନ୍ଦ ନାୟକ ୧, ଚୈତନ୍ୟ ନାୟକ ୧, ରାଜେନ୍ଦ୍ର ସିଂଙ୍କ ଦେଢ଼ ଏକର ଜମିର ଧାନକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିବା ଦେଖାଯାଇଛି। ପ୍ରକାଶ ଯେ, କୁଲଡିହା ନିକଟରୁ ଔପଦା ପର୍ଯ୍ୟନ୍ତ ସୁବିସ୍ତୀର୍ଣ୍ଣ ଦେବଗିରି ପାଦଦେଶକୁ ସରକାରୀ ଭାବେ ଏଲିଫେଣ୍ଟ ସଫାରୀ ଭାବେ ଘୋଷଣା କରାଯାଇଥିବା ବେଳେ ହାତୀମାନେ ନିର୍ଭୟ ବିଚରଣ କରିବା ସହିତ ଚାଷଜମିକୁ ପଶି ନ ଆସିବା ପାଇଁ ତାରବାଡ଼ ଦିଆଯାଇଥିଲା। ତିନି ଚାରି ବର୍ଷ ହେଲା ଏହି ବାଡ଼ ମରାମତି ଅଭାବରୁ ଭାଙ୍ଗିଟୁଟି ଗଲାଣି। ହାତୀପଲ ଆସିଥିବା ଜାଣିପାରି ଚାଷୀମାନେ ସତର୍କ ହୋଇ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଲେ ବି ସେମାନେ କର୍ଣ୍ଣପାତ କରୁ ନାହାନ୍ତି। ହାତୀ ଘଉଡ଼େଇବା ପାଇଁ ସହଯୋଗ କରିବା ବଦଳରେ ବାଣ ରୋଷଣି ଗୋଟିଏ ହେଲେ ଦେଉ ନ ଥିବା କ୍ଷତିଗ୍ରସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ପାଟଣା,୧୮।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଶନିବାର ସନ୍ଧ୍ୟାଠାରୁ ଲଗାଣ ବର୍ଷା ଲାଗି ରହିଛି। ରବିବାର ଦିନ ତମାମ ବର୍ଷା ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ପାଟଣା ବ୍ଲକର ବିଭିନ୍ନ ଅଞ୍ଚଳ ଏକପ୍ରକାର ଜଳମଗ୍ନ ହୋଇପଡିଛି। କେନ୍ଦ୍ରୀୟ ଜଳ ଆୟୋଗ ଅଧିକାରୀ ମାୟାଧର ସେଠୀଙ୍କ ସୂଚନା ଅନୁଯାୟୀ ପାଟଣାରେ ୫୫.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହି ବ୍ଲକର ଟାଙ୍ଗରପଡା ପଞ୍ଚାୟତର ଅଙ୍କୁରା ଗ୍ରାମର ମଝି ସାହିରେ ରବିବାର ପୂର୍ବାହ୍ନରେ ଯୁଗଳ କିଶୋର ନାଏକଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି। ଘର ଭୁଶୁଡି ପଡିବା ଆଭାସ ପାଇ ଘରେ ଥିବା ଲୋକେ ଦାଣ୍ଡକୁ ଚାଲି ଆସିବାରୁ ଏଭଳି ବିପତ୍ତିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ପରିବାର ଏବେ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଡବିଲ, ୧୮।୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ଏକ ଖଣି କମ୍ପାନୀର ଲିଜ୍‌ଭୁକ୍ତ ଜଙ୍ଗଲ ଅଞ୍ଚଳରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟ କିରିବୁରୁ ଥାନା ଅନ୍ତର୍ଗତ ଚର୍ଚ୍ଚ ରୋଡ ଅଞ୍ଚଳର ରିଷବ ସିଂହ(୨୨)। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ ବୋଲି ବଲାଣୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

### ୨ବାଇକ୍ ଧକ୍କା: ୩ ଗୁରୁତର

ତେଲକୋଇ,୧୮।୮(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଦେଉଳଡିହା ପଞ୍ଚାୟତର ଜେନାଦର ଛକରେ ରବିବାର ସନ୍ଧ୍ୟାରେ ୨ଟି ବାଇକ ମଧ୍ୟରେ ଧକ୍କା ହେବାରୁ ୩ଜଣ ଆରୋହୀ ଗୁରୁତର ହୋଇ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ନିର କିଷାନଙ୍କ ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ପୋଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ବଡ଼ବିଲ, ୧୮।୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ସେଡିଂ ଅଞ୍ଚଳରେ ରହୁଥିବା ସୋମା ବେଷ୍ଟକାର ନାମକ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାର ପୋଲିସ ତଦନ୍ତ କରି ଅଭିଯୁକ୍ତ ରିଙ୍କୁ ନାଏକଙ୍କୁ ଶନିବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମାଙ୍କ ସ୍ତ୍ରୀ ବଡବିଲ ଥାନାରେ ଦେଇଥିବା ଏତଲା ଅନୁଯାୟୀ ପୋଲିସ ଏକ ମାମଲା (ନଂ.୧୬୮/୨୦୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ସୋମା ଗତ ୧୫ ତାରିଖ ଗୁରୁବାର ରାତିରେ ଜଙ୍ଗଲରୁ ଏକ ଗଛ କାଟି ଆଣୁଥିବା ବେଳେ ଏହାକୁ ରିଙ୍କୁ ବିରୋଧ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସୋମା ଧରିଥିବା ଟାଙ୍ଗିଆକୁ ରିଙ୍କୁ ଛଡାଇ ନେଇ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସୋମା ଲହୁଲୁହାଣ ହୋଇପଡିଥିଲେ।

### ମେଧାବୃତ୍ତି ପରୀକ୍ଷା ଦେଲେ ୨୨୨ ଛାତ୍ରୀଛାତ୍ର

ପାଟଣା,୧୮।୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକର ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ରବିବାର ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୨୨୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପାଟଣା ପ୍ରକଳ୍ପ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୦୯ ଏବଂ ତୁରୁମୁଙ୍ଗା ଦଧିବାମନ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୧୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପାଟଣା ପରୀକ୍ଷା କେନ୍ଦ୍ରରେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଶିକ୍ଷକ ଭବାନୀ ଶଙ୍କର ମହାନ୍ତ ଓ ତୁରୁମୁଙ୍ଗା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ପୀତାମ୍ବର ମହାନ୍ତ କାର୍ଯ୍ୟ ତୁଲାଇଥିଲେ। ବିଇଓ ପୂର୍ଣ୍ଣ ଚନ୍ଦ୍ର ଓମାତ, ଏବିଇଓ ନରୋତ୍ତମ ସାହୁ ଓ ଏବିଓ ଜଗବନ୍ଧୁ ମହାନ୍ତ ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଥିଲେ।

### ମେମୋରିଆଲ ଟ୍ରଫି, ସ୍ମୃତି ସମ୍ମାନ ପ୍ରଦାନ

ପାଟଣା,୧୮।୮(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ଅବସରରେ ଅନିରୁଦ୍ଧ ପୃଷ୍ଟି ମେମୋରିଆଲ ଟ୍ରଫି ଓ କବି ଅନ୍ନପୂର୍ଣ୍ଣା ଦାଶ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପରେଡ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ପାଇଁ ପାଟଣା ପ୍ରକଳ୍ପ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ 'ଅନିରୁଦ୍ଧ ପୃଷ୍ଟି ମେମୋରିଆଲ ଟ୍ରଫି' ପ୍ରଦାନ କରାଯାଇଥିଲା। ପାଟଣା ବିଧାୟକ ଜଗନ୍ନାଥ ନାଏକ ଏହି ଟ୍ରଫି ପ୍ରଦାନ କରିଥିଲେ। କବି 'ଅନ୍ନପୂର୍ଣ୍ଣା ଦାଶ ସ୍ମୃତି ସମ୍ମାନ' ଡେଣ୍ଡୁଆସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାରଥ ନାଏକଙ୍କୁ ଆଦର୍ଶ ଶିକ୍ଷକ ଭାବେ ପ୍ରଦାନ କରାଯାଇଥିଲା। ଶିକ୍ଷକ କମଳାକାନ୍ତ ପତି, ପାର୍ଥସାରଥୀ ବେଜ, ପ୍ରମୋଦ କୁମାର ମହାନ୍ତ, ଶ୍ରୀକାନ୍ତ ବିଶ୍ୱାଳ ଓ ଶାନ୍ତନୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୩ ଦନ୍ତାହାତୀ ଗୋଠଛଡ଼ା
# ବଢ଼ିଚାଲିଛି ଉତ୍ପାତ



ଝୁମ୍ପୁରା, ୧୮।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ବନଖଣ୍ଡ ଅଧୀନ ଭୂୟାଁ ଜୁଆଙ୍ଗପୀଢ଼ ଓ ଚମ୍ପୁଆ ରେଞ୍ଜ ଅଞ୍ଚଳରେ ୩ଟି ଗୋଠଛଡ଼ା ଦନ୍ତାହାତୀ ଦୀର୍ଘ ୩ ବର୍ଷ ଧରି ଉପଦ୍ରବ ଚଳାଇ ଆସୁଛନ୍ତି । ରାତି ହେଲେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଇଲାକାରେ ପଶି ସେମାନେ ଫସଲ ନଷ୍ଟ କରିବା, ଘରଦ୍ୱାର ଭାଙ୍ଗି ଧନଜୀବନ ହାନି ଘଟାଉଛନ୍ତି। ବନ ବିଭାଗ ଏମାନଙ୍କୁ ଘଉଡ଼ାଇ ପାରୁ ନାହିଁ କି ନିୟନ୍ତ୍ରଣ କରି ପାରୁ ନାହିଁ।

ଜିଲା ବନଖଣ୍ଡ ଅନ୍ତର୍ଗନ୍ତ ୨ ରେଞ୍ଜ ଅଧୀନରେ ମୋଟ ୮ଟି ଫରେଷ୍ଟ ସେକ୍‌ସନ ରହିଛି। ସମ୍ଭବତଃ ଝାଡ଼ଖଣ୍ଡରୁ ଚାଲି ଆସିଥିବା ହାତୀପଲରୁ କେତୋଟି ଦନ୍ତା ହାତୀ ଗୋଠଛଡା ହୋଇ ଏଣେତେଣେ ଘୁରି ବୁଲୁଛନ୍ତି। ୩ଟି ଯାକ ଗୋଠଛଡା ଦନ୍ତା ହାତୀ କେଉଁଠୁ ଆସିଲେ ସେ ସମ୍ପର୍କରେ ବନ ବିଭାଗ କୌଣସି ସୂଚନା ଦେଇ ପାରୁ ନାହିଁ । ଝୁମ୍ପୁରା ବ୍ଲକ ଅଞ୍ଚଳରେ ଏକୁଟିଆ ଘୂରି ବୁଲୁଥିବା ଏକ ଦନ୍ତାହାତୀ ଗତ କିଛି ମାସ ଧରି ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ନିଦ ହଜାଇଛି। ମାସକ ତଳେ ମଲଦା ଗାଁରେ ଘର ଭାଙ୍ଗିବା ସହ ୭ ବର୍ଷର ଜଣେ ବାଳିକାଙ୍କୁ ଘରୁ ଶୁଣ୍ଢରେ ଟାଣି ଆଣି ମାରି ପକାଇଥିବା ଦନ୍ତାହାତୀ ଏହାମଧ୍ୟରେ କିଛିଦିନ ଜଙ୍ଗଲକୁ ଚାଲିଯାଇ ପୁଣି ଫେରିଛି।





ଶନିବାର ରାତିରେ ମଲଦା ପଞ୍ଚାୟତ କାଳିଆପାଳ ଓ ଗୋଡୁଆଟୋପା ଗାଁକୁ ପଶି ଗୋଠଛଡ଼ା ଦନ୍ତାହାତୀ ଭାଙ୍ଗିଥିବା ଘର।

**୩ ବର୍ଷରେ ଗଲାଣି ୮ ଜୀବନ**

- ବାମେମାରୀ ଅଞ୍ଚଳରେ ଏକୁଟିଆ ବୁଲୁଥିବା ଦନ୍ତା ପୁଣି ୪ଘର ଭାଙ୍ଗିଲା, ବୃଦ୍ଧା ଗୁରୁତର
- ବନ କର୍ମଚାରୀଙ୍କୁ ଚକମା ଦେଇ ଖସି ଯାଉଛି
- ଆତଙ୍କରେ ରାତି ବିତାଉଛନ୍ତି ଜଙ୍ଗଲ ତଳିବାସିନ୍ଦା

ଗତ ଶନିବାର ରାତିରେ ଏହି ଦନ୍ତା ମଲଦା ପଞ୍ଚାୟତର କାଳିଆପାଳ ଓ ଗୋଡୁଆଟୋପା ଗାଁରେ ପଶି ଫସଲ ଉଜାଡି ଘର ଭାଙ୍ଗି ଆତଙ୍କ ଖେଳାଇଛି। ସେ କାଳିଆପାଳ ଗାଁକୁ ପଶି ଗୋଟିଏ ଘର ଭାଙ୍ଗିବା ପରେ ନିକଟସ୍ଥ ଗୋଡୁଆଟୋପା ଗାଁକୁ ଚାଲିଯାଇ ଆଉ ୩ଟି ଘର ଭାଙ୍ଗିଛି। ଦନ୍ତା ହାତୀ ଘର କାନ୍ଥ ଭାଙ୍ଗି ପକାଇବାରୁ ଗୁରେଇ ମୁଣ୍ଡା ନାମ୍ନୀ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ବନ କର୍ମଚାରୀ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ଚିକିତ୍ସା ଲାଗି ପଠାଇଛନ୍ତି। ଗୋଠଛଡ଼ା ଦନ୍ତାହାତୀର ପୁଣି ଜଙ୍ଗଲତଳି ଇଲାକାକୁ ଫେରିଥିବାରୁ ସନ୍ଧ୍ୟା ହେଲେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନ କର୍ମଚାରୀ ଏହାର ଗତିବିଧି ନିରୀକ୍ଷଣ କରୁଥିବା କହୁଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରି ପାରୁ ନ ଥିବାରୁ ଦିନକୁ ଦିନ ଧନ ଜୀବନ କ୍ଷତି ବଢି ଚାଲିଛି।

ଜିଲାର ଚମ୍ପୁଆ ଓ ଭୂୟାଁ ଜୁଆଙ୍ଗ ରେଞ୍ଜ ଅଧୀନରେ ଘୂରି ବୁଲୁଥିବା ୩ ଗୋଠଛଡ଼ା ଦନ୍ତାହାତୀଙ୍କ ଆକ୍ରମଣରେ ୩ବର୍ଷ ମଧ୍ୟରେ ଅଞ୍ଚଳର ୮ଜଣ ଗ୍ରାମବାସୀ ମୃତ୍ୟୁବରଣ କରିଛନ୍ତି। ଶତାଧିକ ଘର ଭାଙ୍ଗିଛି। ବହୁ ପରିମାଣରେ ଫସଲ ନଷ୍ଟ ହୋଇଛି। ବନ ବିଭାଗ ନାମକୁ ମାତ୍ର ଦନ୍ତାହାତୀଙ୍କ ପିଛା କରି ଘୂରି ବୁଲୁଥିବା ଦେଖାଯାଉଛି। ଏସବୁ ଦନ୍ତାହାତୀଙ୍କୁ ଟ୍ରାଙ୍କୁଲାଇଜ କରି ନିୟନ୍ତ୍ରଣ କରିବାପରେ ଅନ୍ୟତ୍ର ଛାଡିବାକୁ ଅଞ୍ଚଳବାସୀ ଦାବିକରି ଆସୁଛନ୍ତି। ବନ ବିଭାଗ ସମ୍ପର୍କରେ ବନ୍ୟପ୍ରାଣୀ ବିଭାଗକୁ ଅବଗତ କରାଇଥିବା କହି ନୀରବ ରହୁଛି। ଜଙ୍ଗଲ ତଳି ଇଲାକକୁ ଫେରି କାଳିଆପାଳ ଓ ଗୋଡୁଆଟୋପା ଅଞ୍ଚଳରେ ଉପଦ୍ରବ କରୁଥିବା ଦନ୍ତା ହାତୀ ସମ୍ପର୍କରେ ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁଙ୍କୁ ପଚାରିବାରୁ କହିଛନ୍ତି, ସବୁ ସମୟରେ ବନ କର୍ମଚାରୀ ଏହା ଉପରେ ନଜର ରଖିଛନ୍ତି।

୧୭ତାରିଖରେ ବନ କର୍ମଚାରୀଙ୍କ ସ୍କ୍ୱାଡ କାଳିଆପାଳ ରାସ୍ତାରେ ଥିଲେ। ଗୋଠଛଡ଼ା ଦନ୍ତାହାତୀ ଚକମା ଦେଖାଇ କାଳିଆପାଳ ଗ୍ରାମରୁ ଗୋଡୁଆଟୋପା ଗାଁକୁ ଚାଲିଆସି ଘର ଭାଙ୍ଗି ପକାଇଥିଲା। ପରେ ଏହାକୁ ଜଙ୍ଗଲକୁ ଘଉଡାଇବା ଉଦ୍ୟମ ଆରମ୍ଭ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ପ୍ରତିକ୍ରିୟା ବ୍ୟକ୍ତ କରି କହିଛନ୍ତି, ଗୋଠଛଡ଼ା ଦନ୍ତା ହାତୀ ଯୋଗୁ ବର୍ଷବର୍ଷ ଧରି ସେମାନେ ବହୁ କ୍ଷତିର ସମ୍ମୁଖୀନ ହୋଇ ଆସୁଛନ୍ତି। ବନ ବିଭାଗ ଦେଉଥିବା କ୍ଷତପୂରଣ ସମୁଦ୍ରକୁ ଶଙ୍ଖେ। ଏହାମଧ୍ୟରେ ଉକ୍ତ ଦନ୍ତାହାତୀ ଗୋଡୁଆଟୋପା, କାଳିଆପାଳ, ସାନକାଳିମାଟି, ନୁଣଗାଡିଆ, ବାମନଡିହା, ବସନ୍ତପୁର, ନେଦିଗୋଠ, ପଟୁଆକୁଦର, କାଶିଆ, ଅନ୍ଧାରୀଖମଣ ଆଦି ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁରେ ବହୁ କ୍ଷତି ଘଟାଇଛି। ରବିବାର ସକାଳେ ଦନ୍ତା ହାତୀ ଗୋଡୁଆଟୋପା ଗାଁ ପାଖ ଜଙ୍ଗଲରେ ଥିବାରୁ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି । ତୁରନ୍ତ ସମସ୍ତ ଗୋଠଛଡା ଦନ୍ତାହାତୀକୁ କାବୁ କରି ଅନ୍ୟତ୍ର ଛଡ଼ା ନ ଗଲେ ଲୋକେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଜିଲା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀଙ୍କୁ ପଚାରିବାରୁ ଏହାର ପ୍ରତିକାର କରିବାକୁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

## ଯୋଜନାକୁ ଲୋକାଭିମୁଖୀ କରିବା ଲାଗି କର୍ମଶାଳା

କେନ୍ଦୁଝର, ୧୮।୮(ଡି.ଏନ୍.ଏ.)

ଆର୍ଥିକ ଅଭିବୃଦ୍ଧି ହାସଲ କ୍ଷେତ୍ରରେ ବ୍ୟାଙ୍କର ଭୂମିକା ନେଇ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ଓ ରବିବାର କେନ୍ଦୁଝର ତୈଳିକ ବୈଶ୍ୟ ସମାଜ ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାର କ୍ଷୁଦ୍ର ଓ ଲଘୁ ଉଦ୍ୟମ କ୍ଷେତ୍ର ସମେତ ଡିଜିଟାଲ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ଉଦ୍ଦିଷ୍ଟ ଯୋଜନାକୁ ଲୋକାଭିମୁଖୀ କରିବା ଲାଗି ଗୁରୁତ୍ୱାରୋପ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ପ୍ରକାଶ କୁମାର ସିହ୍ନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝରସ୍ଥିତ ଆଞ୍ଚଳିକ ପ୍ରବନ୍ଧକ ଗୁପ୍ତେରାମ ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମୁଖ୍ୟ ପ୍ରବନ୍ଧକ ଲଳିତ କୁମାର ମହାନ୍ତ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଆଞ୍ଚଳିକ ପ୍ରବନ୍ଧକ ପ୍ରଭାତ କେଶରୀ ଦାସ, ସୁବାସ ମୋହନ ସହାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଅନୁଗୁଳ, ଦେବଗଡ଼, କେନ୍ଦୁଝର, ବାଲେଶ୍ୱର ଓ ଝାରସୁଗୁଡ଼ା ପ୍ରଭୃତି ଜିଲାର ୧୨୭ଟି ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଦେବାଶିଷ ଦାସ, ସଞ୍ଜୀବ ପ୍ରସାଦ, ଶୁଭେନ୍ଦୁ ଭୋଇ, ସୁଧାଂଶୁ ସାହୁ, ବିଶ୍ୱନାଥ ପଣ୍ଡା, ଅବିନାଶ ସାହୁ, ପବିତ୍ର ସ୍ୱାଇଁ, ଶାନ୍ତି କୁସୁମ ଏବଂ ହରିଶ ନାଏକ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷା ପ୍ରେରଣା ମହୋତ୍ସବରେ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା




ମଞ୍ଚାସୀନ ଅତିଥି।

କେନ୍ଦୁଝର, ୧୮।୮(ସ୍ୱ.ପ୍ର./ଡି.ଏନ.ଏ.)

ଶିକ୍ଷାର ପ୍ରସାର ଲକ୍ଷ୍ୟ ନେଇ 'ଶିକ୍ଷା ପ୍ରେରଣା ମହୋତ୍ସବ- ୨୦୧୯' ଆୟୋଜନ କରାଯାଉଛି। ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସଚେତନ ରହିଲେ, ଏଦିଗରେ ଲକ୍ଷ୍ୟ ହାସଲ ସହଜ ହେବ । ଏଣୁ ଲକ୍ଷ୍ୟ ସ୍ଥିର ରଖି ନିଷ୍ଠା ସହ ଅଧ୍ୟବସାୟ ଜାରି ରଖିଲେ ଛାତ୍ରଛାତ୍ରୀ ଉତ୍କର୍ଷତା ହାସଲ କରିପାରିବେ ବୋଲି କେନ୍ଦୁଝରସ୍ଥିତ ନରସିଂହ ସ୍ୱାଇଁ ପୋଲିସ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ପ୍ରେରଣା ମହୋତ୍ସବରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଶିକ୍ଷା ବିକାଶ ଲାଗି କାର୍ଯ୍ୟ କରିଥିବା ଶିକ୍ଷକ ଓ ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କେନ୍ଦୁଝର ଏମପି ଚନ୍ଦ୍ରାଣୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମା' ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରଣବ କୁମାର ରାଉତରାୟ ପ୍ରଥମେ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ କୁମାର ବାରିକ ସମ୍ମାନନୀୟ ବକ୍ତା ଏବଂ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ରାଜ୍ୟ ମୁଖ୍ୟ ସଂଗଠକ ଦେବେନ୍ଦ୍ର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଟ୍ରାଫିକ୍ ପୋଲିସ ସୁକୁମାର ସାହୁ ଏବଂ ଚାକିରିରୁ ଅବସର ନେବା ପରେ ନିଜ ପେନସନ ଅର୍ଥରେ ସ୍କୁଲ ପିଲାଙ୍କ ଲାଗି ଅସମାପ୍ତ ପୋଲକୁ ନିର୍ମାଣ କରିଥିବା ଗଙ୍ଗାଧର ରାଉତଙ୍କ ସମେତ କଳା ଶିକ୍ଷକ ବାବୁଲାଲ ପଲେଇ, ରାଜଶ୍ରୀ ଦାଶ, କପିଳ ଚନ୍ଦ୍ର ଦାଶ, ପ୍ରକୃତିବନ୍ଧୁ ରମେଶ ଚନ୍ଦ୍ର ମିଶ୍ର, ତିଳୋତ୍ତମା ମହାନ୍ତ, ଭୁବନାନନ୍ଦ ସାହୁ, ନୀଳମଣି ପଣ୍ଡା,ପର୍ଶୁରାମ ମହାନ୍ତ ପ୍ରମୁଖଙ୍କୁ ଆଦର୍ଶ ଶିକ୍ଷକ ଭାବେ ସମ୍ମାନୀତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ବିଶ୍ୱାଳଙ୍କୁ ସାଙ୍ଗଠନିକ ଦକ୍ଷତା ପାଇଁ ସମ୍ମାନୀତ କରାଯିବା ସହ ବାରରାଶି ଉଚ୍ଚ ବିଦ୍ୟାଳୟର ସଭାପତି ଘାସିନାଥ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିସ୍ମୟ ବାଳିକା ପ୍ରଜ୍ଞା ପାରମିତା ମହାନ୍ତ ଏବଂ ବିସ୍ମୟ ବାଳକ ପ୍ରବଚକ କେଶବ ଦାସ ଦ୍ୱିତିକୃଷ୍ଣ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏନ୍‌ଏସ୍ ପୋଲିସ ହାଇସ୍କୁଲର ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ରଥ ପ୍ରଥମେ ସ୍ୱାଗତଭାଷଣ ଦେଇଥିଲେ। ଯୁଟିଆ ଯୁଗ୍ମ ସମ୍ପାଦକ ବିଜୟ କୁମାର ପଲେଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଧରାପଡ଼ିଲେ ଚମ୍ପଟ କଏଦୀ

ବଡ଼ବିଲ, ୧୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସବ୍ ଜେଲ୍ ପାଚେରି ଡେଇଁ ଚମ୍ପଟ ମାରିଥିବା ବିଚାରାଧୀନ କଏଦୀ ସାୱନ ପାତ୍ର ଓରଫ କୁନାଙ୍କୁ ୫ ଦିନ ପରେ ରବିବାର ପୋଲିସ ଗିରଫ କରିଛି। ତାଙ୍କ ଘର ଗାଡାହଟିଂରେ । ତାଙ୍କୁ ପୋଲିସ ଚଟେଇ ହଟିଂରୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ସାୱନଙ୍କୁ ଗତ ୧ ତାରିଖରେ ବଡବିଲ ପୋଲିସ ଏକ ବାଇକ ଚୋରି ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୩ ତାରିଖ ମଙ୍ଗଳବାର ଅପରାହ୍ନରେ ସେ ବଡବିଲ ସବ୍‌ଜେଲରେ ରୋଷେଇ କାର୍ଯ୍ୟରେ ସହଯୋଗ କରୁଥିବା ବେଳେ ସୁଯୋଗ ଉଣ୍ଡି ପ୍ରଶାସନିକ ବିଲ୍ଡିଂ ଉପରେ ଚଢି କୌଣସିମତେ ଚମ୍ପଟ ମାରିଥିଲେ। ଜେଲରୁ କଏଦୀ ଚମ୍ପଟ ଘଟଣାର ତଦନ୍ତ କରାଯାଇ ଡ୍ୟୁଟିରେ ଅବହେଳା କରିଥିବା ଦର୍ଶାଯାଇ ଜେଲ ୱାର୍ଡର ସଞ୍ଜିତ କୁମାର ନାଏକ ଓ ବିଜୟ କୁମାର ନାଏକଙ୍କୁ ଶନିବାର ବାରିପଦାସ୍ଥିତ ସର୍କଲ ଜେଲ ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବନ ଆଦେଶ ଦେଇଥିଲେ। ନିଲମ୍ବନ ଆଦେଶ ସତ୍ତ୍ୱେ ଜେଲ୍‌ରେ କର୍ମଚାରୀ ଅଭାବ ଥିବାରୁ ସେମାନେ ଏବେ ମଧ୍ୟ ଡ୍ୟୁଟି କରୁଥିଲେ ବୋଲି ଜେଲର୍ ସୁଧାଂଶୁ ଶେଖର ବେଉରା କହିଛନ୍ତି। ପାଚେରି ଡେଇଁ ଚମ୍ପଟ ମାରିବା ଘଟଣାରେ ସମ୍ପୃକ୍ତ କଏଦୀଙ୍କ ବିରୋଧରେ ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ୫ମ ବୃତ୍ତିପରୀକ୍ଷା ଦେଲେ ୨୩୯ ପିଲା



ପରୀକ୍ଷାର୍ଥୀ ବୃତ୍ତି ପରୀକ୍ଷା ଦେଉଛନ୍ତି।

ହାଟଡିହୀ,୧୮।୮(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୩୯ ଜଣ ପରୀକ୍ଷାର୍ଥୀ ରବିବାର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଛନ୍ତି । ହାଟଡିହୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୦୨ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିବାବେଳେ ୧୬୦ ଜଣ ପରୀକ୍ଷା ଦେଇଥିଲେ । ସେହିପରି ବାଲିବରେଇ ପରୀକ୍ଷା କେନ୍ଦ୍ରରେ ୯୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୯ ଜଣ ପରୀକ୍ଷା ଦେଇଥିଲେ। ହାଟଡିହୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶିଶିର କୁମାର କର ହାଟଡିହୀରେ ଓ ହୃଷୀକେଶ ଚକ୍ର ବାଲିବରେଇ ପରୀକ୍ଷା କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିଲେ। ହାଟଡିହୀ ବ୍ଲକ ଶିକ୍ଷାଧିକାରୀ କ୍ଷୀରୋଦ ଚନ୍ଦ୍ର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ପରୀକ୍ଷାରେ ଏବିଇଓ ସୁରେଶ କୁମାର ଯେନା, ସୁରଥ ସାହୁ ଓ ବିନୋଦ କୁମାର ରାଉତ ପରୀକ୍ଷା କେନ୍ଦ୍ର ତଦାରଖ କରିଥିଲେ ।

### ଦସ୍ତଖତ ନ କରିବା ମହଙ୍ଗା ପଡ଼ିଲା
## ସାକ୍ଷୀଙ୍କ ବିରୋଧରେ ଏତଲା ଦେବାକୁ ନିର୍ଦ୍ଦେଶ

କେନ୍ଦୁଝର, ୧୮।୮ (ସ୍ୱ.ପ୍ର.)

ଯୌତୁକଜନିତ ମାମଲାରେ କୋର୍ଟରେ ବୟାନ ଦେଇଥିବା ଜଣେ ସାକ୍ଷୀ ଦସ୍ତାବିଜରେ ଦସ୍ତଖତ ନ କରିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରିବା ଲାଗି ସିଜେଏମ କୋର୍ଟ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଟୀରନ ପାତ୍ର ଆଦେଶ ଦେଇଛନ୍ତି। ମକଦ୍ଦମା ବିବରଣୀ ଅନୁଯାୟୀ ଏହି ସାକ୍ଷୀଙ୍କ ନାମ ବଳରାମ ରାଉତ। କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ତରା ଗ୍ରାମରେ ସମ୍ପ୍ରତି ଘଟିଥିବା ଯୌତୁକ ନିର୍ଯାତନା ମାମଲାର ଶୁଣାଣି ବେଳେ ମୁଖ୍ୟ ବିଚାର ବିଭାଗୀୟ କୋର୍ଟରେ ଅନ୍ୟ ସାକ୍ଷୀଙ୍କ ଭଳି ତାଙ୍କର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। କୋର୍ଟରେ ମତ ଦେବା ପରେ ସେ ସାକ୍ଷୀ ଦସ୍ତାବିଜରେ ଦସ୍ତଖତ କରିବାକୁ ମନା କରିଦେଇଥିଲେ । ଏଥିପାଇଁ ତାଙ୍କ ବିରୋଧରେ ଟାଉନ ଥାନାରେ ଆଇପିସି ଧାରା ୧୮୦ରେ ଏତଲା ଦେବାକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଆଦେଶ ଦେଇଥିବା ସରକାରୀ ଆଇନଜୀବୀ ଅଶୋକ ଦାସ ସୂଚନା ଦେଇଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୨ ୱାର୍ଡରଙ୍କ ବିକ୍ଷୋଭ

କେନ୍ଦୁଝର, ୧୮।୮ (ସ୍ୱ.ପ୍ର.)

ସ୍ଥାନୀୟ ଜେଲର ୨ଜଣ ୱାର୍ଡର ରବିବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଆସି ଜଣେ ଅଧିକାରୀ ସେମାନଙ୍କୁ ଅସଦାଚରଣ କରିଥିବା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜେଲରେ କର୍ମଚାରୀଙ୍କ ପ୍ରତି ଅନ୍ୟାୟ କରାଯାଉଥିବା ଏବଂ ବିଭିନ୍ନ ଅନିୟମିତତା ହେଉଥିବା ସେମାନେ ମଧ୍ୟ ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ। ଏଭଳି ଘଟଣା ସମ୍ପର୍କରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଗରିବ ସାହୁଙ୍କୁ ପଚାରିବାରୁ ସେ ବାହାରେ ଅଛନ୍ତି, ଫେରିବା ପରେ ଘଟଣା ବୁଝିବେ ବୋଲି କହିଛନ୍ତି।

## ସଭିଏଁ ମିଶି ଗାଁ ପରିବେଶକୁ ସଫା ସୁତୁରା କଲେ

ଢେଙ୍କିକୋଟ, ୧୮।୮(ଡି.ଏନ୍.ଏ.)

ଗ୍ରାମ୍ୟ ପରିବେଶକୁ ସଫା ସୁତୁରା ରଖିବା ଲାଗି ଗାଁ ଲୋକେ ଅଣ୍ଟା ଭିଡିଛନ୍ତି। କେନ୍ଦୁଝର ଜିଲା ଘଟଗାଁ ବ୍ଲକ ମନୋହରପୁର ପଞ୍ଚାୟତ ଖଜୁରୀଜିଆଣି ଗ୍ରାମରେ ଥିବା 'ଅଜନ୍ତା' ଯୁବକ ସଂଘ ତତ୍ତ୍ୱାବଧାନରେ ପରିବେଶ ସୁରକ୍ଷା ସାଙ୍ଗକୁ ମ୍ୟାଲେରିଆ ଓ ମହାମାରି ଭଳି ରୋଗର ପ୍ରତିକାର ଲାଗି ସଚେତନତା ସୃଷ୍ଟି କରାଯାଇଥିଲା। ଯୁବକ ସଂଘ ସଭାପତି କାଳିଆ ନାୟକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଗାଁ ଲୋକେ ମିଶି ଲୋକେ ପୋଖରୀ ସଫେଇ କରିବା ସହ ଗ୍ରାମର ଲଟା ବୁଦା କାଟି ସଫା କରିଥିଲେ। ସଚେତନତା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯୁବକ ସଂଘ ସଭାଗୃହଠାରେ ପ୍ରଥମେ ଏକ ସଭା ହୋଇଥିଲା। ଯୁବକ ସଂଘ ସଭାପତି ଏଥିରେ ପୌରୋହିତ୍ୟ କରିଥିଲେ। ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ରମେଶ ଚନ୍ଦ୍ର ନାୟକ, ୱାର୍ଡ଼ ସଭ୍ୟ ଅନନ୍ତ ଚରଣ ନାୟକଙ୍କ ସମେ ବହୁ ପୁରୁଖା ଲୋକ ଉପସ୍ଥିତ ଥିଲେ। ଯୁବକ ସଂଘର ୧୫ରୁ ଊର୍ଦ୍ଧ୍ୱ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ମ୍ୟାଲେରିଆ ନିରାକରଣ ଲାଗି ରାଜ୍ୟ ସରକାର ଯୋଗାଉଥିବା ମଶାରି ସମସ୍ତେ ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମ ଓ ଘର ଅଗଣାରେ କୌଣସି ସ୍ଥାନରେ ପାଣି ଜମିବାକୁ ନ ଦେଲେ ମଶାମାଛିଙ୍କ ବଂଶ ବୃଦ୍ଧି ପାଇବ ନାହିଁ। ଏଥିଲାଗି ଘର ନିକଟରେ ଥିବା ଲଟାବୁଦା କାଟି ସଫା କରିବା, କୁଅ ଓ ନାଳନର୍ଦ୍ଦମାରେ ବ୍ଲିଚିଂ ପାଉଡର ପକାଇବା ଭଳି କାର୍ଯ୍ୟ ସମ୍ମିଳିତ ଭାବେ କରିବାକୁ ସହମତି ପ୍ରକାଶ ପାଇଥିଲା। ଶିକ୍ଷାକମିଟିର ସଭାପତି ରମେଶ ଚନ୍ଦ୍ର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଯୁବକ ସଂଘ ସଦସ୍ୟ ଓ ଗ୍ରାମବାସୀ ବିଦ୍ୟାଳୟ ପରିସରକୁ ଯାଇ ସେଠାରେ ଚାରା ରୋପଣ କରିବା ସହ ଘର ଘର ବୁଲି ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।



ଯୁବସଂଘର ସଦସ୍ୟମାନେ ଚାରାରୋପଣ କରୁଛନ୍ତି।